# କର୍ମଚାରୀଙ୍କୁ ବିଶ୍ୱାସ କରି ଠକେଇର ଶିକାର ହେଲେ ଋଣ ଗ୍ରହିତା !

**ବଣାଇଁ, ୨୦।୪(ସମିସ)**




ବଣାଇଁ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ବାସିନ୍ଦା ତୃପ୍ତି ପଣ୍ଡା ୨୦୧୭ରେ ବଣାଇଁ କୋଅପରେଟିଭ ବ୍ୟାଙ୍କରୁ ଏକ ବୋଲେରୋ ଗାଡ଼ି ଋଣ ନେଇଥିଲେ। ସେ ଅନ୍ୟ ବ୍ୟବସାୟରେ ବ୍ୟସ୍ତ ରହୁଥିବାରୁ ଅନେକ ସମୟରେ ବ୍ୟାଙ୍କକୁ ଆସିପାରୁ ନ ଥିଲେ। ଫଳରେ ସେ ସମୟରେ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ତାଙ୍କ ପରିଚିତ ଜଣେ କର୍ମଚାରୀଙ୍କୁ ବିଶ୍ୱାସ କରି ଗାଡ଼ିର କିସ୍ତି ଟଙ୍କା ଜମା କରିବା ପାଇଁ ତାଙ୍କ ହାତରେ ଦେଉଥିଲେ। କିନ୍ତୁ ତୃପ୍ତିଙ୍କ କହିବା ଅନୁସାରେ ସମ୍ପୃକ୍ତ କର୍ମଚାରୀ ଜଣକ କିସ୍ତି ଟଙ୍କା ବ୍ୟାଙ୍କରେ ଜମା ନ କରି ତଞ୍ଚକତା ପୂର୍ବକ ହଡ଼ପ କରିନେଇଛନ୍ତି। ଦୀର୍ଘଦିନ ଧରି ଏଭଳି ଚାଲିଥିଲେ ମଧ୍ୟ ତୃପ୍ତି କିଛି ଜାଣିପାରୁ ନ ଥିଲେ। ଫଳରେ ଦିନକୁ ଦିନ ତାଙ୍କ ଋଣର ମୂଳ ଟଙ୍କା ସହ ସୁଧ ବଢ଼ିବାକୁ ଲାଗିଲା। ହଠାତ୍ ଦିନେ ସେ ତାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ କାଢ଼ିବାରୁ କିସ୍ତି ଟଙ୍କା ଜମା ହେଉ ନ ଥିବା ଜଣାପଡ଼ିଥିଲା। ଏ ବିଷୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ତାଙ୍କୁ କୌଣସି ସୂଚନା ଦେଇ ନ ଥିବାରୁ ସେ ଅବଗତ ହୋଇପାରି ନ ଥିଲେ। ସମସ୍ତ ତଥ୍ୟ ଜଣାପଡ଼ିବା ପରେ ସେ ବଣାଇଁ ଶାଖା ପରିଚାଳକଙ୍କୁ ଭେଟି ଏବିଷୟରେ ଅବଗତ କରିଥିଲେ। ପରେ ଏନେଇ ଏଆରସିସି ଏବଂ ସୁନ୍ଦରଗଡ଼ ଜିଲ୍ଲା କୋଅପରେଟିଭ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତକରି ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଦୀର୍ଘଦିନ ବିତିଗଲେ ମଧ୍ୟ ତାଙ୍କ ସମସ୍ୟା ସମାଧାନ ହୋଇପାରି ନାହିଁ। ପୂର୍ବତନ କର୍ମଚାରୀଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣି ଏ ବିଷୟରେ ବଣାଇଁ ଉପ ଜିଲ୍ଲାପାଳ ଏବଂ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାଙ୍କ୍ ପକ୍ଷରୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାଙ୍କ ସମସ୍ୟା ସମାଧାନ ହୋଇ ନ ଥିବା କହିଛନ୍ତି। ଫଳରେ ସେ ଆର୍ଥିକ କ୍ଷତିଗ୍ରସ୍ତ ହେବା ସହ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ପ୍ରକାଶ କରିଛନ୍ତି। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସେ ଦାବି କରିଛନ୍ତି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମତାମତ ଲୋଡ଼ାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସେକ୍ଟର-୩ ପଡ଼ିଆରେ ମା'ଙ୍କ ବାସନ୍ତିକ ପୂଜା





**ରାଉରକେଲା, ୨୦।୪(ସମିସ):** ସେକ୍ଟର-୩ସ୍ଥିତ ବାସନ୍ତି ପୂଜା ପଡ଼ିଆରେ ମା'ଙ୍କ ୪୯ତମ ବାସନ୍ତିକ ପୂଜା ଗତ ୧୫ ତାରିଖରୁ ଆରମ୍ଭ ହୋଇଛି। ଇସ୍ପାତ ସହରର ଅନେକ ସ୍ଥାନରେ ମା'ଙ୍କ ପୂଜା ହେଉଥିବା ବେଳେ ବାସନ୍ତି ପରିଷଦ ପକ୍ଷରୁ ଆୟୋଜିତ ବାସନ୍ତିକ ପୂଜା ସ୍ୱତନ୍ତ୍ର। ପୂଜା ପେଣ୍ଡାଲ ସାଜସଜ୍ଜାଠାରୁ ଆରମ୍ଭ କରି ଆଲୋକ ସାଜସଜ୍ଜା, ପାଲା ମହୋତ୍ସବ, ଭଜନ ସନ୍ଧ୍ୟା ଓ ପ୍ରତିଭା-୨୦୨୪ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାୟ ୧୦ ଦିନ ଧରି ପଡ଼ିଆରେ ଅନୁଷ୍ଠିତ ହେଉଛି। କେବଳ ସେତିକି ନୁହେଁ, ଏହି ସମୟରେ ମୀନାବଜାର ମେଳାରେ ଜନତାଙ୍କ ବେଶ୍ ଭିଡ଼ ପରିଲକ୍ଷିତ ହୋଇଛି। ଚଳିତବର୍ଷ ବାସନ୍ତି ପରିଷଦ ପକ୍ଷରୁ ପାଲା ମହୋତ୍ସବରେ କଟକର ପାଲା ଗାୟିକା ପ୍ରଜ୍ଞାବାଦନୀ ସତ୍ୟଭାମା ମହାରଣା ୩ ଦିନ ଧରି ପାଲା ମଣ୍ଡପରେ ପାଲା ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ପରିବେଷଣ କରିଥିଲେ। ସେହିପରି ୧୯ ଓ ୨୦ ତାରିଖ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଭଜନ ସନ୍ଧ୍ୟାରେ ଓଡ଼ିଶାରେ ଖ୍ୟାତି ଅର୍ଜନ କରିଥିବା କଟକର ଭଜନ ଗାୟକ କରୁଣାକର ଓ ସ୍ଥାନୀୟ ଗାୟିକା ପଲ୍ଲବୀ ନନ୍ଦ ସୁମଧୁର ଭଜନ ପରିବେଷଣ କରିଥିଲେ। ସେହିପରି ପ୍ରତିଭା କାର୍ଯ୍ୟକ୍ରମରେ ରାଉରକେଲାର କୁନି ପ୍ରତିଭାମାନଙ୍କୁ ନେଇ ଓଡ଼ିଶୀ ନୃତ୍ୟ ଓ ଭଜନ ଉପରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହେବ। ଯେଉଁଥିରେ ଉଭୟ କନିଷ୍ଠ ଓ ବରିଷ୍ଠ କଳାକାର ଭାଗ ନେବେ। ୨୩ ତାରିଖ ଗ୍ରୁପ ଡ୍ୟାନ୍ସରେ ଓଡ଼ିଶାର ପରମ୍ପରାକୁ ପ୍ରତିପାଦନ କରାଯିବା କାର୍ଯ୍ୟକ୍ରମ ରହିଛି। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନାବଜାର ମେଳାରେ ଉଭୟ ବଡ଼ ଓ ଛୋଟଙ୍କ ପାଇଁ ବିଭିନ୍ନ ମନୋରଞ୍ଜନ ଦୋଳି ଓ ଷ୍ଟେସନାରୀ ଦୋକାନ ଆଦିର ଭରପୂର ସମ୍ଭାର ରହିବ। ୨୬ ତାରିଖ ମା'ଙ୍କ ଭସାଣି ଯାତ୍ରା ହେବ ବୋଲି ବାସନ୍ତି ପରିଷଦ ସାଧାରଣ ସମ୍ପାଦକ ସତ୍ୟବାନ ରାଉତ ସୂଚନା ଦେଇଛନ୍ତି। ରାଉରକେଲା ସମେତ ଆଖପାଖର ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଆସି ମା'ଙ୍କ ଦର୍ଶନ ସହ ସମସ୍ତ କାର୍ଯ୍ୟକ୍ରମର ଆନନ୍ଦ ନେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ରିପେୟାର ସପ ଇଲେକ୍ଟ୍ରିକାଲ୍ ବିଭାଗ କର୍ମଚାରୀ ପୁରସ୍କୃତ

**ରାଉରକେଲା, ୨୦।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ରିପେୟାର ସପ (ଇଲେକ୍ଟ୍ରିକାଲ୍) ବିଭାଗର ୮ଟି ଦଳର ୫୩ କର୍ମଚାରୀଙ୍କୁ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଉତ୍କର୍ଷ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ସିଜିଏମ୍ (ଇଲେକ୍ଟ୍ରିକାଲ୍ ଏବଂ ପାୱାର୍) ବିଏସ୍ କାର୍ଥା କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ



ଆରଏସଇ ଓ ଏଚଏମଏସ ବିଭାଗ ଜିଏମ ଇନ ଚାର୍ଜ ଏସକେ ପୋଲାକି, ଆରଏସଇ ବିଭାଗ ଡିଜିଏମ କାଶ୍ମୀର ତିର୍କୀ, ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆରଏସଇ ବିଭାଗ ଏଜିଏମ ନକୁଳ ଭୂୟାଁ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ଅକ୍ସିଜେନ୍ ପ୍ଲାଣ୍ଟର ରୁଷୀୟ କମ୍ପ୍ରେସରର ୧୬୦୦ କିଲୋୱାଟ ସିଙ୍କ୍ରୋନସ୍ ମୋଟରର ଜଳିଯାଇଥିବା ରୋଟରର ରେକର୍ଡ ସମୟ ମଧ୍ୟରେ ନିଜସ୍ୱ ସମ୍ବଳରେ ସମ୍ପୂର୍ଣ୍ଣ ରିୱାଇଣ୍ଡ ସହ ପୁନରୁଦ୍ଧାର, ପ୍ଲେଟ୍ ମିଲ୍ ଟ୍ୱିନ୍ ଡ୍ରାଇଭ୍ ମୋଟରର ୧୨ ଏମଭିଏ ଟ୍ରାନ୍ସଫର୍ମରର ଅଭିନବ ଡ୍ରାଇଙ୍ଗ ଆଉଟ, କ୍ଲିନିଂ ଓ ଫିଲ୍ଟରେସନ୍ ମାଧ୍ୟମରେ ମରାମତି, ଆରଏସଏମର ପ୍ଲାନୋ ମିଲିଂ ଏମସି ୨୦୫ର ପରିବର୍ତ୍ତନ ଏବଂ ଅଦ୍ୟତନ ପାଇଁ ଟେବୁଲ୍ ମୋଟର ନିମନ୍ତେ ନୂତନ ଡିସି ଡ୍ରାଇଭ୍ ସ୍ଥାପନା, ଶୀତଳତା ସୁନିଶ୍ଚିତ କରିବା ତଥା ଉତ୍ତମ ପ୍ରଦର୍ଶନ ପାଇଁ ବ୍ୟାଟେରୀ-୬ର ୯୦୦ କିଲୋୱାଟ କ୍ରସର ମୋଟରର ମଡିଫିକେସନ୍ ଭେଣ୍ଟିଲେସନ୍ ସିଷ୍ଟମ୍ ମରାମତି, ଏଚଏସଏମ-୨ର ୧୨ କିଲୋୱାଟ ଭିଏଫଡି ମୋଟର୍ସର ପ୍ରଥମଥର ପାଇଁ କରୋନା ୱାୟାର ବ୍ୟବହାର କରି ମରାମତି ମାଧ୍ୟମରେ ଉଚ୍ଚ କାର୍ଯ୍ୟକ୍ଷମ ଜୀବନ ହାସଲ, ପ୍ରଥମ ଥର ପାଇଁ ସହର ଇଞ୍ଜିନିୟରିଂ ବିଭାଗ ୱାଟର ସିଷ୍ଟମର ଆବଶ୍ୟକତା ପୂରଣ ପାଇଁ ୯୦ କିଲୋୱାଟ ସବମର୍ସିବଲ୍ ପମ୍ପର ମରାମତି ଏବଂ ନିର୍ଭରଯୋଗ୍ୟତାରେ ଉନ୍ନତି ଏବଂ ଆର ଆଣ୍ଡ ସି ଲ୍ୟାବର ପୁରୁଣା କଣ୍ଟ୍ରୋଲ୍ ପ୍ୟାନେଲଗୁଡ଼ିକୁ ନୂତନ ଡିଜାଇନ୍ ଏବଂ ତାରଯୁକ୍ତ ପ୍ୟାନେଲ୍ ସହିତ ନିଜସ୍ୱ ଉତ୍ସରେ ପ୍ରତିରୋପଣ ଆଦି କାର୍ଯ୍ୟ କର୍ମଚାରୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ଜଣାପଡ଼ିଛି।

# ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ବିଜେଡି କର୍ମୀ ସମ୍ମିଳନୀ




**ରାଜଗାଙ୍ଗପୁର, ୨୦।୪(ସମିସ):** ସ୍ଥାନୀୟ ବାଣ୍ଡୁପଡ଼ାସ୍ଥିତ ସୁମିତ୍ରା ବିବାହ ଭବନରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଶାନଙ୍କ ଅଧ୍ୟକ୍ଷତାରେ ଶନିବାର ରାଜଗାଙ୍ଗପୁର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲା ଉପ ପର୍ଯ୍ୟବେକ୍ଷକ ଦେବୁ ମଲ୍ଲିକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କର୍ମୀମାନଙ୍କୁ କହିବା ସହ ଷଷ୍ଠଥର ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଧର୍ମେଶ ନାୟକ, ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ଅନିଲ କୁମାର ବରୁଆ ଯୋଗଦେଇ କର୍ମୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର କାଳରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ପ୍ରତ୍ୟେକ ଘରେ ବାର୍ତ୍ତା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ରାଜଗାଙ୍ଗପୁର ବିଧାନସଭା ପ୍ରାର୍ଥୀ ଅନିଲ କୁମାର ବରୁଆଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ନଗର ସଭାପତି ରାଜେନ୍ଦ୍ର ଲେଙ୍କା କର୍ମୀ ସମ୍ମିଳିନୀକୁ ସଞ୍ଚାଳନ କରିଥିଲେ। ଏଥିରେ ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପାଧ୍ୟକ୍ଷ ଏମଡି ଇରଫାନ, ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର କୁମାର ଦାସ, ବୀରେନ୍ଦ୍ରନାଥ ରଥ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ଟପ୍ପୋ, ବିକ୍ରମ ଟପ୍ପୋ ରାଜଗାଙ୍ଗପୁର ଟ୍ରକ ମାଲିକ ସଙ୍ଘ ସଭାପତି ରାକେଶ ନନ୍ଦା, ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସମ୍ପାଦକ କମଲେଶ ଅଗ୍ରୱାଲ, ତନ୍ମୟ ସିଂ, ଉପଦେଷ୍ଟା ସଞ୍ଜୀବ କୁମାର ବେହୁରା, ବରିଷ୍ଠ ବିଜେଡି କର୍ମକର୍ତ୍ତା ଜାଫର ମୋବିନ ଅହମ୍ମଦ, ତୋହିଡ ଅହମ୍ମଦ, ଉପେନ୍ଦ୍ର କୁମାର ପ୍ରଧାନ, ସୁନୀଲ କୁମାର ଅଗ୍ରୱାଲ, ରତନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଯୋଗଦେଇଥିଲେ।

# ଆର୍‌ଏସ୍‌ପି ଦ୍ୱାରା ପ୍ରାୟୋଜିତ ୬୮ ଯୁବକ ଯୁବତୀଙ୍କୁ ଆଜୀବିକା ପ୍ରଶିକ୍ଷଣ



**ରାଉରକେଲା, ୨୦।୪(ସମିସ):** ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ (ଏନ୍‌ଏସ୍‌ଆଇସିଏଲ), ଜାତୀୟ ଅନୁସୂଚିତ ଜନଜାତି ଅର୍ଥ ଏବଂ ବିକାଶ ନିଗମ (ଏନ୍‌ଏସ୍‌ଟିଏଫଡିସି) ଏବଂ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ମିଳିତ ରୂପେ ସେକ୍ଟର-୧୫ଠାରେ ସ୍ଥାପିତ ଆଜୀବିକା ବ୍ୟବସାୟ କେନ୍ଦ୍ରରେ ଆରଏସପି ପକ୍ଷରୁ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳର ୬୮ ଜଣ ଯୁବକଯୁବତୀଙ୍କୁ ତାଲିମ କାର୍ଯ୍ୟକ୍ରମ ପାଇଁ ପ୍ରାୟୋଜିତ କରାଯାଇଛି। ସ୍କିଲ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଏହି ପ୍ରୟାସରେ ନବସୃଜନ, ଉଦ୍ୟୋଗୀତା ଏବଂ ଗ୍ରାମୀଣ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠିତ ଉକ୍ତ କେନ୍ଦ୍ର ପକ୍ଷରୁ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ, ଚାକିରି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଆର୍ଥିକ ଅଗ୍ରଗତିକୁ ପ୍ରୋତ୍ସାହିତ କରାଯାଇଛି।

୩୨ ଯୁବକଯୁବତୀଙ୍କର ୨ ମାସିଆ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ ଏବଂ ଆସିଷ୍ଟାଣ୍ଟ ବିଉଟିସିଆନ ପାଠ୍ୟକ୍ରମରେ ନାମ ଲେଖାଯାଇଥିବା ବେଳେ ୩୬ ଜଣ ତିନି ମାସିଆ ଆସିଷ୍ଟାଣ୍ଟ କମ୍ପ୍ୟୁଟର ଅପରେଟର ତାଲିମ ପାଇଁ ନାମ ଲେଖାଇଥିଲେ। ଏହି ତିନିଟି ତାଲିମ କାର୍ଯ୍ୟକ୍ରମ ପାଇଁ ଆରଏସପି ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି।

ପାଠ୍ୟକ୍ରମ ସମାପ୍ତ ହେବା ପରେ ଶୁକ୍ରବାର ଉକ୍ତ କେନ୍ଦ୍ରରେ ଆୟୋଜିତ ଏକ ସମାରୋହରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆରଏସପିର ସିଜିଏମ୍ (ମେକାନିକାଲ୍) ଆରଏନ ରାଜେନ୍ଦ୍ରନ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ସିଏସଆର ବିଭାଗ ଜିଏମ ମୁନମୁନ୍ ମିତ୍ର, ଏଜିଏମ ଟିବି ଟପ୍ପୋ ଏବଂ ଏନଏସଆଇସିର ମୁଖ୍ୟ ପରିଚାଳକ ବିଏମ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ସିଜିଏମ୍ ରାଜେନ୍ଦ୍ରନ୍ ପ୍ରଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ସମାପ୍ତ ନିମନ୍ତେ ଅଭିନନ୍ଦନ ଜଣାଇବା ସହ ଜୀବନରେ ଅଗ୍ରଗତି କରିବାକୁ ସକାରାତ୍ମକ ମନ ସ୍ଥିର କରି ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ଜିଏମ୍ ମିତ୍ର କୌଶଳ ସେଟ୍‌କୁ ଅଧିକ ସୁଦୃଢ଼ କରିବା ପାଇଁ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଜିଏମ୍ ଟପ୍ପୋ ସଫଳତା ହାସଲ ପାଇଁ ଉତ୍ତମ ସମନ୍ୱୟ ଏବଂ ଆନ୍ତରିକତାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହି ଅବସରରେ ତାଲିମ କାର୍ଯ୍ୟକ୍ରମ ଉପରେ ଏକ ସଂକ୍ଷିପ୍ତ ଭିଜୁଆଲ୍ ଉପସ୍ଥାପନା ମଧ୍ୟ କରାଯାଇଥିଲା।

# କଲେଜରେ ଛାତ୍ରଛାତ୍ରୀଙ୍କୁ ମତଦାନ ସଚେତନତା



**ବଣାଇଁ, ୨୦।୪(ସମିସ):** ସ୍ଥାନୀୟ ବଣାଇଁଗଡ଼ ମହାବିଦ୍ୟାଳୟ ପରିସରରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଛାତ୍ରଛାତ୍ରୀଙ୍କୁ ମତଦାନ ସମ୍ପର୍କରେ ସଚେତନ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବଣାଇଁ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ତଥା ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯେଉଁ ଛାତ୍ରଛାତ୍ରୀଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ କିମ୍ବା ନିର୍ବାଚନ ପୂର୍ବରୁ ୧୮ ବର୍ଷ ସମ୍ପୂର୍ଣ୍ଣ ହୋଇଥିବ ସେମାନେ ଆସନ୍ତା ମେ ୨୫ ତାରିଖ ନିଜ ବୁଥରେ ମତଦାନ କରି ନିଜ ନାଗରିକ ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ଅବଗତ କରିଥିଲେ। କଲେଜ ଅଧ୍ୟକ୍ଷ ଜେନାମଣି ସାହୁ ନିର୍ବାଚନରେ ଭାଗନେଇ ମତ ସାବ୍ୟସ୍ତ କରିବା ଆମ ପାଇଁ ଗର୍ବ ଓ ଗୌରବର ଦିନ ବୋଲି କହିଥିଲେ। ସହକାରୀ ଜିଲ୍ଲାପାଳ ଶୋଭନ ଶ୍ରୀତମ ପଣ୍ଡା ଇଭିଏମରେ କିପରି ମତଦାନ କରାଯାଏ ସେ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବତାରଣା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଆଇନ ସମ୍ବନ୍ଧିତ ସଚେତନତା ଶିବିର



**ବଣାଇଁ, ୨୦।୪(ସମିସ):** ବଣାଇଁ ସିଭିଲ୍ କୋର୍ଟ ପରିସର ସମ୍ମିଳନୀ ଗୃହରେ ଶନିବାର ବଣାଇଁ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବଣାଇଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଡ. ମହମ୍ମଦ ଇସାରୁଦ୍ଦିନ ନବି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନ ସମ୍ବନ୍ଧରେ ଆଧାରିତ ସିଆରପିସିର ବିଭିନ୍ନ ଦିଗ ଉପରେ ଅବଗତ କରିଥିଲେ।

ସମ୍ମାନିତ ଅତିଥି ଭାବେ ବଣାଇଁ ଏସଡିଜେଏମ ପ୍ରୀତୀଶ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ କୁଳମଣି ଧଳ ଉପସ୍ଥିତ ରହି ଆଇନଗତ ପ୍ରତିନିଧିତ୍ୱର ଅଧିକାର, ସିଆରପିସି ବ୍ୟବସ୍ଥା, ପ୍ରାଥମିକ ସୂଚନା ରିପୋର୍ଟ, ସମନ, ଅପିଲ ଆବେଦନ ଇତ୍ୟାଦି ବିଭିନ୍ନ ଆଇନଗତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ତୁଷାରକାନ୍ତି ସାହୁ, ବରିଷ୍ଠ ଆଇନଜୀବୀ ବିଜନ କୁମାର ସେନ, ଧୀରୋଜ କୁମାର ସାହୁ, ଝାଡ଼େଶ୍ୱର ବେହେରା, ଦେବୀପ୍ରସାଦ ମିଶ୍ର, ସ୍ମିତା ସେନାପତି, ମାନସ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି ଆଇନର ଦିଗ ଉପରେ ନିଜ ମତପ୍ରକାଶ କରିଥିଲେ। ଆଇନ ସେବା ସମିତି କର୍ମଚାରୀ ବ୍ରିଜେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋର୍ଟ କର୍ମଚାରୀ ଅନ୍ତର୍ଯ୍ୟାମୀ ପାତ୍ର, ପୂର୍ଣ୍ଣଚନ୍ଦ୍ର କିସାନ, ରାମଚନ୍ଦ୍ର ସାହୁ, କ୍ଷୀରୋଧ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀମୃତ୍ୟୁ ଅଭିଯୋଗ

**ରାଉରକେଲା, ୨୦।୪(ସମିସ):** ଚିକିତ୍ସା ଅବହେଳା ଯୋଗୁଁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେକ୍ଟର-୩ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ରଘୁନାଥପାଲି ଥାନା ଦେଓଗାଁ ଅଞ୍ଚଳର ବଜରଙ୍ଗ ଟପ୍ପୋ ଦୁଇଦିନ ପୂର୍ବେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜଗଦାସ୍ଥିତ ସିଡବ୍ଲ୍ୟୁଏସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଡାକ୍ତର ଓ ହସ୍ପିଟାଲ ପକ୍ଷରୁ ଚିକିତ୍ସାରେ ଅବହେଳା ଯୋଗୁଁ ବଜରଙ୍ଗଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଝିଅ ଜୟଶ୍ରୀ ଟପ୍ପୋ ଥାନାରେ ଅଭିଯୋଗ କରିଛନ୍ତି।

# ସୋସିଆଲ ମିଡିଆରେ ନିର୍ବାଚନ ଲଢ଼େଇ ପାଇଁ ପ୍ରସ୍ତୁତି ଜୋରଦାର

**ରାଉରକେଲା, ୨୦।୪(ସମିସ)**



ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ଦଳଙ୍କ ପ୍ରାର୍ଥୀ ଘୋଷଣା ତ୍ୱରାନ୍ୱିତ ହେଉଛି ଓ ସେହି ଅନୁଯାୟୀ ପ୍ରାର୍ଥୀମାନେ ଚଳାଇଛନ୍ତି ଜୋରଦାର ପ୍ରସ୍ତୁତି। ଏହି କ୍ରମରେ ସୋସିଆଲ ମିଡିଆରେ ନିର୍ବାଚନ ଲଢ଼ିବାକୁ ପ୍ରତ୍ୟେକ ଦଳ ପକ୍ଷରୁ ଯୋଦ୍ଧାଙ୍କୁ ପ୍ରସ୍ତୁତ କରାଗଲାଣି। ନିଜ ଦଳର ପ୍ରଚାରପ୍ରସାର ପାଇଁ ଏମାନେ ପ୍ରଯୁକ୍ତିବିଦ୍ୟା ବିଶାରଦଙ୍କ ସମେତ ସୋସିଆଲ ମିଡିଆକୁ ପ୍ରଭାବିତ କଲା ଭଳି ଲୋକ, ନୂଆ ସ୍ଲୋଗାନ ସୃଷ୍ଟିକର୍ତ୍ତା, ତଥ୍ୟ ବିଶ୍ଳେଷଣକାରୀ, ଭିଡିଓ ଏବଂ ଫଟୋଗ୍ରାଫି ଦଳ ଆଦିଙ୍କୁ ନିଯୁକ୍ତି ଦେଉଛନ୍ତି। ବିଶେଷତଃ ହ୍ୱାଟ୍ସଆପ, ଫେସ୍‌ବୁକ୍ ଓ ଏକ୍ସ ଆଦି ସୋସିଆଲ ମିଡିଆରେ ପ୍ରଚାର ପାଇଁ ବିଜ୍ଞାପନ ପ୍ରସ୍ତୁତ କରିବାକୁ ବିଶ୍ଳେଷଣକାରୀ, ଭିଡିଓ ଓ ଫଟୋଗ୍ରାଫି ଦଳ ଆଦିଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍‌ଲାଇନ୍‌ରେ ନିଜ ଦଳ ବିରୋଧରେ ପ୍ରସାରିତ ନ କରି ଖବରଗୁଡ଼ିକର ସତ୍ୟ ଉନ୍ମୋଚନ ପାଇଁ ମଧ୍ୟ କେତେକ ଦଳ ପକ୍ଷରୁ କୁହାଯାଇଛି।

ବିଶେଷ ସୂତ୍ରରୁ ପ୍ରକାଶ ଯେ ଏହି ନିର୍ବାଚନରେ ସମ୍ଭବତଃ ସବୁ ରାଜନୈତିକ ଦଳ ସୋସିଆଲ ମିଡିଆକୁ ପ୍ରାଧାନ୍ୟ ଦେବେ। ମୋବାଇଲ ଫୋନ୍ ବ୍ୟବହାର ବଢ଼ିବା, ଡାଟା ଶସ୍ତା ହେବା, ଗ୍ରାମାଞ୍ଚଳର ଲୋକେ ମଧ୍ୟ ହ୍ୱାଟ୍ସଆପ, ଏକ୍ସ, ଇନଷ୍ଟାଗ୍ରାମ୍ ଭଳି ସୋସିଆଲ ମିଡିଆ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ। ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ସମସ୍ତେ ଚେଷ୍ଟା କରିବେ। ଏ କ୍ଷେତ୍ରରେ ବିଜେପି, କଂଗ୍ରେସ ଓ ବିଜେଡିର ସକ୍ରିୟତା ଦେଖାଉଛି। ଗତ ନିର୍ବାଚନରେ ଏହି ଦଳ ସୋସିଆଲ ମିଡିଆକୁ ଉପେକ୍ଷା କରିଥିବାରୁ କେତେକାଂଶରେ ତା'ର କୁପ୍ରଭାବ ପଡ଼ିଥିବା ସମୀକ୍ଷକମାନେ ମତ ଦେଇଥିଲେ। ରାଜନୈତିକ ଦଳଗୁଡ଼ିକ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ନିର୍ଦ୍ଦିଷ୍ଟ ବୟସ ଓ କର୍ମଚାରୀ ବର୍ଗ ପାଇଁ ନିର୍ଦ୍ଦିଷ୍ଟ ଭିଡିଓ ଏବଂ ଅନ୍ୟାନ୍ୟ ବିଜ୍ଞାପନ ପ୍ରସ୍ତୁତ କରୁଛନ୍ତି। ଛାତ୍ରଛାତ୍ରୀ, ବ୍ୟବସାୟୀ, ମହିଳା, ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ, ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ତିଆରି କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ଏହି କି ଯେ ଯେଉଁମାନେ ଏହି ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି, ସୋସିଆଲ ମିଡିଆରେ ସେମାନଙ୍କ ବିଶ୍ୱସନୀୟତା ବଢ଼ାଇବା ପାଇଁ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଦଳୀୟ ଇସ୍ତାହାରରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଇଟି ବିଶେଷଜ୍ଞମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଯେପରିକି ତାହା ମତଦାତାଙ୍କୁ ଆକର୍ଷିତ କରିବ। ନେତାମାନଙ୍କ ପକ୍ଷରୁ ବିଭିନ୍ନ ଫ୍ୟାନ ପେଜ ବା ସମର୍ଥକଙ୍କ ପୃଷ୍ଠା ତିଆରି କରାଯାଉଛି। ଯେଉଁଥିରେ ଦଳ ଓ ପ୍ରାର୍ଥୀ ସମ୍ପର୍କିତ ସମସ୍ତ ସୂଚନା ରହିବା ସହ ଦଳୀୟ ଇସ୍ତାହାରକୁ କିପରି କାର୍ଯ୍ୟକାରୀ କରାଯିବ, ସେନେଇ ମତାମତ ଲୋଡ଼ାଯାଉଥିବା ଦେଖିବାକୁ ମିଳୁଛି।

# ଡାଏରୀ ଫାର୍ମରେ ଦୁଗ୍ଧ ବଣ୍ଟନରେ ପାତରଅନ୍ତର ଅଭିଯୋଗ

**ରାଉରକେଲା/କୁଆଁରମୁଣ୍ଡା, ୨୦।୪(ସମିସ):** କୁଆଁରମୁଣ୍ଡାସ୍ଥିତ ଡାଏରୀ ଫାର୍ମରେ ସ୍ଥାନୀୟ ଲୋକଙ୍କୁ ଦୁଗ୍ଧ ବଣ୍ଟନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଜନ ଅସନ୍ତୋଷ ବଢ଼ି ଚାଲିଛି। ଏହି ଡାଏରୀ ଫାର୍ମ ୫୦ ବର୍ଷରୁ ଅଧିକ ସମୟ ହେଲା ଏଠାରେ ରହିଛି। ଫାର୍ମରୁ ପ୍ରତିଦିନ ବାହାରୁଥିବା ଦୁଗ୍ଧକୁ କୁଆଁରମୁଣ୍ଡା ବଜାରରେ ସ୍ଥାନୀୟ ଲୋକଙ୍କୁ ବିକ୍ରି କରାଯାଉଥିଲା। ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ କୁଆଁରମୁଣ୍ଡା ଫରେଷ୍ଟ ଚେକ୍ ଗେଟ ନିକଟରେ ଏକ ଷ୍ଟଲ୍ ଖୋଲି ବିଭାଗ ପକ୍ଷରୁ ବିକ୍ରି କରାଯାଉଥିଲା। ଫଳରେ କୁଆଁରମୁଣ୍ଡାବାସୀ ଡାଏରୀ ଫାର୍ମର ଭଲ ଗାଈ ଦୁଗ୍ଧ ପାଉଥିଲେ। କିନ୍ତୁ ପ୍ରାୟ ୪ ବର୍ଷ ପୂର୍ବେ ସ୍ଥାନୀୟ ଦୁଗ୍ଧ କାଉଣ୍ଟରକୁ ବନ୍ଦ କରି ରାଉରକେଲାକୁ ଦୁଗ୍ଧ ପଠାଯାଇ ଏସଫ୍‌ସିଆଇ ଛକରେ ବିକ୍ରି କରାଯାଉଛି। ରାଉରକେଲା ଲୋକେ ଡାଏରୀ ଫାର୍ମ ଦୁଗ୍ଧ ପାଉଥିବା ବେଳେ କୁଆଁରମୁଣ୍ଡାବାସୀ ଏଥିରୁ ବଞ୍ଚିତ ହେଉଛନ୍ତି। କୁଆଁରମୁଣ୍ଡା ବଜାରରେ ଥିବା ଦୁଗ୍ଧ କାଉଣ୍ଟର ବନ୍ଦ ହୋଇଥିଲେ ବି କୁଆଁରମୁଣ୍ଡା ଡାଏରୀ ଫାର୍ମ ଭିତରକୁ ଯାଇ ସକାଳ ଓ ସନ୍ଧ୍ୟାରେ ସ୍ଥାନୀୟ ଲୋକେ ନଗଦ ଅର୍ଥ ଦେଇ ଦୁଗ୍ଧ ଆଣୁଥିଲେ। ପ୍ରଥମେ ଲୋକେ ସେମାନଙ୍କ ଆବଶ୍ୟକତା ଅନୁସାରେ ଦୁଗ୍ଧ ନେଇପାରୁଥିଲେ। ତେବେ ପରବର୍ତ୍ତୀ ସମୟରେ ଜଣ ପିଛା ୧ ଲିଟର ଲେଖାଏଁ ଦୁଗ୍ଧ ଦେବା ପାଇଁ ସ୍ଥିର କରାଯାଇଛି। କିନ୍ତୁ ଆବଶ୍ୟକ ସ୍ଥଳେ ଅଧିକ ଦୁଗ୍ଧ ମାଗିଲେ ଲୋକ ଦେଖି ଦିଆଯାଉଛି। କେତେକ ଲୋକଙ୍କୁ ପ୍ରତ୍ୟେକ ଦିନ ୪ରୁ ୫ ଲିଟର ଲେଖାଏଁ ଦିଆଯାଉଛି। ଫଳରେ ଅନେକ ଲୋକ ଦୁଗ୍ଧ ନ ପାଇ ଫେରୁଛନ୍ତି। ଅଳ୍ପ କିଛି ଦୁଗ୍ଧ ସ୍ଥାନୀୟ ଲୋକଙ୍କୁ ଦେଇ ଅନ୍ୟ ଦୁଗ୍ଧକୁ ବାହାରକୁ ପଠାଇ କର୍ମଚାରୀ ଅଧିକ ଫାଇଦା ଉଠାଉଥିବା ଅଭିଯୋଗ ହେଉଛି। ଦୁଗ୍ଧ ବଣ୍ଟନରେ ପାତରଅନ୍ତର କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳିତ

**ରାଉରକେଲା, ୨୦।୪(ସମିସ)**

ସ୍ଥାନୀୟ ବାସୁଦେବପୁର ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ଛେଣ୍ଡ କଲୋନୀସ୍ଥିତ ଗୋପବନ୍ଧୁ ପାଠାଗାର ସଭାଗୃହରେ ଜାତୀୟ କବି ବାଞ୍ଛାନିଧି ଜୟନ୍ତୀ ପାଳିତ ହୋଇଛି। ପରିଷଦର ଉପସଭାପତି ଡା. ରବୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଗିରିଜା ଶଙ୍କର ଗୋସ୍ୱାମୀ ଯୋଗଦେଇ କହିଲେ, ବାଞ୍ଛାନିଧି ଥିଲେ ଜାତୀୟ ଯୁଗର ଚାରଣ କବି। ସେ କେବଳ ସ୍ୱପ୍ନ ବିଳାସୀ ନ ଥିଲେ, ପ୍ରତ୍ୟକ୍ଷ ଆନ୍ଦୋଳନରେ ଭାଗନେଇ ତାଙ୍କ ଜ୍ୱାଳାମୁଖୀ ଅଗ୍ନିବାଣୀ ସାହାଯ୍ୟରେ ଜାତୀୟ ସଂଗ୍ରାମର ସୈନିକମାନଙ୍କୁ ଉଦବୁଦ୍ଧ କରିଥିଲେ। ପରାଧୀନ ଭାରତରେ କବି ବାଞ୍ଛାନିଧି ମହାନ୍ତିଙ୍କ କବିତା ଥିଲା ଦେଶ ଓ ଜାତି ପାଇଁ ସଞ୍ଜୀବନୀ ମନ୍ତ୍ର। ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଇରମ ଗ୍ରାମର ଏକ ସମ୍ଭ୍ରାନ୍ତ ପରିବାରରେ ୧୮୯୭ ଏପ୍ରିଲ ୨୦ରେ ଜନ୍ମିତ ବାଞ୍ଛାନିଧି ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଡାକରାରେ ଅଭିମନ୍ତ୍ରିତ ହୋଇ ବିପ୍ଳବାତ୍ମକ ସଙ୍ଗୀତ ରଚନା କରି ନିଜେ ସ୍ୱର ସଂଯୋଜନା କରି ଗାନ କରୁଥିଲେ। ମାତ୍ର ବିଧିର ବିଚିତ୍ର ବିଧାନ ଅନୁଯାୟୀ ମାତ୍ର ୪୧ ବର୍ଷ ବୟସରେ ୧୯୩୮ ଏପ୍ରିଲ ୧୯ ତାରିଖ କବିଙ୍କ କର୍ମମୁଖର ଜୀବନର ଅବସାନ ଘଟିଥିଲା। ଗୌରୀ କୁମାର ବ୍ରହ୍ମାଙ୍କ ଭାଷାରେ ଜାତୀୟବାଦୀ ଉତ୍କଳ-ସାହିତ୍ୟ ଗଗନରୁ ଏକ ତେଜିଆନ ଜ୍ୟୋତିଷ୍କର ଅନ୍ତର୍ଦ୍ଧାନ ଘଟିଲା ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାଜକୁମାର ମହାନ୍ତି ଏବଂ ବଳରାମ ରାଉଳ ଯୋଗଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଜାତୀୟ କବିଙ୍କ ଅବଦାନ ଶୀର୍ଷକ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କବିଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ରମାକାନ୍ତ ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିବେକାନନ୍ଦ ପଣ୍ଡା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସହ କୋଷାଧ୍ୟକ୍ଷ ଉଦୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବଳରାମ ରାଉଳ, ଅଜୟ କୁମାର ମହାନ୍ତି, ମୀନକେତନ ପଶାୟତ ଏବଂ ସ୍ନେହଲତା ପଟ୍ଟନାୟକ ବାଞ୍ଛାନିଧି ମହାନ୍ତିଙ୍କ ରଚିତ ଜାତୀୟବାଦୀ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସ ସ୍ୱାଗତ ଅଭିଭାଷଣ ସହ ପରିଷଦର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନାତନ ପତି, କୃପାସିନ୍ଧୁ ବେହେରା, ସତ୍ୟଜିତ ସାହୁ, ଅଞ୍ଜୁ ବାରିକ, ଜ୍ୟୋତିର୍ମୟୀ ପତି, ମଧୁମିତା କର, ସାବିତ୍ରୀ ଦାସ, ଉପେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ସହଯୋଗ କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର, ଡା. ଗୋକୁଳାନନ୍ଦ ସାହୁ, ସବିତା ସାହୁ, ରାମଚନ୍ଦ୍ର ବେହେରା, ସୁପ୍ରିୟା ମହାନ୍ତି, ଦେବରାଜ ଗୌଡ଼, ଜିକେ ରାୟ, ପ୍ରଭାତୀ ଗୋସ୍ୱାମୀ, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ଶଙ୍କର ପ୍ରସାଦ ତ୍ରିପାଠୀ, ହରିହର ନାୟକ, ଉମେଶ ଚନ୍ଦ୍ର ଜେନା, ବୈକୁଣ୍ଠ ରାଉତ, କିଶୋରୀ ମୋହନ କର, ମଧୁସୂଦନ ବଳ, ହରିହର ଶତପଥୀ, ଅଚ୍ୟୁତାନନ୍ଦ ଦାସ, ବିଶ୍ୱନାଥ ଜେନା, ଗଦାଧର ରଥ, ମଧୁସୂଦନ ବଳ, ବ୍ରହ୍ମାନନ୍ଦ ପାଢ଼ୀ, କୈଳାସ ଚନ୍ଦ୍ର ସାମଲ, ରବୀନ୍ଦ୍ର ନାଥ ସାହୁ, ରମାକାନ୍ତ ଷଡ଼ଙ୍ଗୀ, ମିନତି ଦାଶ, ବିପିନ ବିହାରୀ ପଟ୍ଟନାୟକ, ସୀତାରାମ ସାହୁ, ଅଶୋକ ଶୁକ୍ଳଙ୍କ ସମେତ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ରାଉରକେଲାର ବହୁ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




# ଅଗ୍ନି ନିର୍ବାପନ କୌଶଳ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ



**ରାଉରକେଲା, ୨୦।୪(ସମିସ):** ଅଗ୍ନିଶମ ସେବା ସପ୍ତାହ-୨୦୨୪ ପାଳନ ଉପଲକ୍ଷେ ଆରଏସପି ଅଗ୍ନିଶମ ସେବା ବିଭାଗ ଦ୍ୱାରା ଇସ୍ପାତ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପନ କୌଶଳ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ସେକ୍ଟର-୫ ଏଫଇ-୨ ଆର୍କେଡ ମଲ୍‌ରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ଅଗ୍ନି ନିର୍ବାପକ ଏବଂ ଉଦ୍ଧାର କୌଶଳ ସହ ପ୍ରୟୋଗାତ୍ମକ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ପ୍ରୟୋଗ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏଲପିଜି ସିଲିଣ୍ଡର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ପ୍ରାୟ ୧୦୦ ଜଣ ଦୋକାନୀ ଏବଂ ପରିଦର୍ଶକ ଆଗ୍ରହ ଓ ଉତ୍ସାହ ସହକାରେ ଏହାକୁ ଦେଖିଥିଲେ। ଅଗ୍ନିଶମ ସେବା ବିଭାଗ ଜିଏମ ଜୀବନବଲ୍ଲଭ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଗରିମା ପରିବାରର ଓଡ଼ିଆ ନବବର୍ଷ ପାଳନ

**ରାଉରକେଲା, ୨୦।୪(ସମିସ):** ସହରର ଜଣାଶୁଣା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଟଗରିମା' ପରିବାର ପକ୍ଷରୁ ଦ୍ୱିତୀୟ ଓଡ଼ିଆ ନବବର୍ଷ ଧୁମଧାମରେ ପାଳିତ ହୋଇଛି। ସ୍ଥାନୀୟ ସାହାନାଇ ମଣ୍ଡପରେ ଅନୁଷ୍ଠାନ ଅଧ୍ୟକ୍ଷା ନିହାରିକା ବସ୍ତିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରିମ୍ସର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ, ସମାଜସେବୀ ମଞ୍ଜୁଦେବୀ ବାଗାଡ଼ିଆ, ଡା. ଗୀତାଞ୍ଜଳି ପତ୍ରି, ଓଲିଉଡ୍ ଅଭିନେତ୍ରୀ ଶତାବ୍ଦୀ ମହାନ୍ତି, ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ, ସମାଜସେବୀ ସୁନୀଲ କୟାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ।

ଏହି ଅବସରରେ ଅନୁଷ୍ଠାନର ସଦସ୍ୟାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ଛେନାପୋଡ଼ କାଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠାନ ସଭାପତି ମମତା ନାୟକ, ସାଧାରଣ ସମ୍ପାଦିକା ଡ. ସରିତା ମଲ୍ଲ, ସିଲି ମହାନ୍ତି, ପ୍ରଣତି ଜେନା, ଶର୍ମିଷ୍ଠା ତ୍ରିପାଠୀ, ରେବତୀ ବାରିକ, ଶଙ୍ଖରିନା ପ୍ରଧାନ, ଶାନ୍ତିଲତା ବାରିକ, ସନ୍ତୋଷୀ ମଲ୍ଲିକ, ମମତା ଦାସ, ମୋନାଲିସା ଗୌଡ଼, ଦେବସ୍ମିତା ଶତପଥୀ, ମୀନତି ମୋଦୀ, ସୁନୀତା ଶ୍ରୀନିବାସନ, ଲୀନା ତ୍ରିପାଠୀ, ମୀନାକ୍ଷୀ ପାଢ଼ୀ, ସସ୍ମିତା ମିଶ୍ର, ମୌସୁମୀ ଆଚାର୍ଯ୍ୟ, ରଶ୍ମିତା ଚୌଧୁରୀ, ଶୁଭଲକ୍ଷ୍ମୀ ପାତ୍ର, ତପସ୍ୱିନୀ ପାତ୍ର, ଲୁସି ଦାଶ, ରଶ୍ମି ନାୟକ, ସବିତା ମହାପାତ୍ର ଓ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଶଙ୍କର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସାରନଗରୀ ହନୁମାନ ମନ୍ଦିରରେ ଆଖଡ଼ା କମିଟିର ପ୍ରସାଦ ଲାଗି

**ରାଉରକେଲା, ୨୦।୪(ସମିସ):** ସ୍ଥାନୀୟ ମଡର୍ଣ୍ଣ ଇଣ୍ଡିଆର ନବୋଜିତ୍ ଯୁବକ ସଂଘ ପକ୍ଷରୁ ବାହାରିଥିବା ସୁସଜ୍ଜିତ ଆଖଡ଼ା ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ସାରନଗରୀର ସୁପର ମାର୍କେଟସ୍ଥିତ ଶ୍ରୀ ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ଏକ ବିରାଟ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ ଏବଂ ପ୍ରଭୁ ହନୁମାନଙ୍କୁ ଆରୁଢ଼ କରାଯାଇ ମଡର୍ଣ୍ଣ ଇଣ୍ଡିଆରୁ ଅଟୋ କଲୋନୀ, ଲାଲଟାଙ୍କି, ତାରାପୁର ଗେଟ ହୋଇ ଲକ୍ଷ୍ମୀ ମାର୍କେଟ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ଏହି ଆଖଡ଼ା ଶୋଭାଯାତ୍ରା ସେଠାରୁ ପ୍ରତ୍ୟାବର୍ତ୍ତନ କରି ପୁନର୍ବାର ମଡର୍ଣ୍ଣ ଇଣ୍ଡିଆ, ଲୋକନାଥ ମାର୍କେଟ, ଶନି ମାର୍କେଟ, ଆଇଡିଏଲ୍ ଛକ ହୋଇ ସୁପର ମାର୍କେଟସ୍ଥିତ ଶ୍ରୀ ହନୁମାନ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଆଖଡ଼ା କମିଟି ସଦସ୍ୟ ଏବଂ ଯୁବକମାନେ ଆକର୍ଷଣୀୟ ଲାଠି ଖେଳ ପ୍ରଦର୍ଶନ କରି ଶ୍ରଦ୍ଧାଳୁମାନଙ୍କୁ ଚକିତ କରିଥିଲେ। ଏହି ଅବସରରେ ଶ୍ରୀ ହନୁମାନ ମନ୍ଦିର ତରଫରୁ ଭୋଗ ଲାଗିବା ସହ ମନ୍ଦିରର ପୂଜକ ଅଶୋକ ମିଶ୍ର, କମଳାକାନ୍ତ ମିଶ୍ର ଓ ଦୀପକ ମିଶ୍ର ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ବିଧି ମୁତାବକ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଧାପକ ଶ୍ରୀକାନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା ସମିତି ସଭ୍ୟମାନେ ଉପସ୍ଥିତ ରହି ଜଳ ଓ ଲଡ୍ଡୁ ବଣ୍ଟନର ସମସ୍ତ ଆୟୋଜନ କରିଥିଲେ।

ସଦସ୍ୟ କୁଳମଣି ସାମଲ, ହୃଷୀକେଶ ସାହୁ, କେଦାର ରାଉତରାୟ, ଅଜୟ ନାୟକ, ଧୀରେନ୍ଦ୍ର ନାୟକ, ଶଶିଭୂଷଣ ମହାନ୍ତ, ରଞ୍ଜିତା ଶର୍ମା, ଲିଲିଲତା ବିଶ୍ୱାଳ, ଆରତୀ ବେହେରା, ବିରଞ୍ଚି ବେହେରା, ଜିତୁନ ଅଧିକାରୀ, ଶ୍ରୀଧର ସାହୁ, ମିଳନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୧୭ ବର୍ଷ ହେଲା ଆଖଡ଼ା କମିଟି ପକ୍ଷରୁ ଏହି ଶୋଭାଯାତ୍ରା ହନୁମାନ ମନ୍ଦିରରୁ ଆସି ପ୍ରସାଦ ଲାଗି ହୋଇଆସୁଛି। ପରେ ଏହି ଆଖଡ଼ା ଶୋଭାଯାତ୍ରା ମଙ୍ଗଳା ଛକ, ଇ ବ୍ଲକ, ଗଞ୍ଜୁ ମାର୍କେଟ, ରଙ୍ଗିଲା ଛକ ହୋଇ ସେଠାରୁ ସିଧାସଳଖ ଯାଇ ବାଲିଘାଟସ୍ଥିତ ଅସ୍ଥାୟୀ ଜଳାଶୟରେ ବିସର୍ଜିତ ହୋଇଥିଲା।



# ବିଭିନ୍ନ ମହାବିଦ୍ୟାଳୟରେ ଭୋଟର ସଚେତନତା

**ରାଉରକେଲା, ୨୦।୪(ସମିସ):** ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଯୁବ ଭୋଟରମାନଙ୍କୁ ମତଦାନ କରିବାକୁ ଉତ୍ସାହିତ କରିବା ପାଇଁ ଶନିବାର ରାଉରକେଲା ତଥା ଆଖପାଖ ଅଞ୍ଚଳର ବିଭିନ୍ନ ମହାବିଦ୍ୟାଳୟରେ ଭୋଟର ସଚେତନତା ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ମହାବିଦ୍ୟାଳୟ, ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ, ନୀଳଶୈଳ ମହାବିଦ୍ୟାଳୟ, ସିଟିଇ ରାଉରକେଲା, ଏଚକେ ରାୟ ଡିଗ୍ରୀ ମହାବିଦ୍ୟାଳୟ, କଲ୍ୟାଣୀ ରାୟ ଡିଗ୍ରୀ ମହାବିଦ୍ୟାଳୟ, ଗାନ୍ଧୀ ମହାବିଦ୍ୟାଳୟ ଏବଂ ସିଏଏସଟି ବନ୍ଧମୁଣ୍ଡା ଆଦି ମହାବିଦ୍ୟାଳୟରେ ଶପଥପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଗଣତନ୍ତ୍ରର ପରମ୍ପରା ବଜାୟ ରଖିବାକୁ ଏବଂ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ବଜାୟ ରଖିବା ସହ ମତଦାନ ସାବ୍ୟସ୍ତ କରିବାକୁ ଶପଥପାଠ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ଲାଠିକଟା ତହସିଲଦାର ଆର୍ତ୍ତତ୍ରାଣ ଥାଟି, ବିଶ୍ରା ତହସିଲଦାର ମନିଷା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଉତ୍ସାହିତ କରିଥିଲେ।

# ଫେଲ୍ ଛାତ୍ରୀ ପାସ୍ ସାର୍ଟିଫିକେଟ ଦେଇ ହାତେଇଲେ ଚାକିରି

**ରାଉରକେଲା, ୨୦।୪(ସମିସ):** ଯୁକ୍ତ ୨ ପରୀକ୍ଷାରେ ଫେଲ ହୋଇଥିବା ଜଣେ ଛାତ୍ରୀ ପାସ୍ ସାର୍ଟିଫିକେଟ ଦେଇ ଅଙ୍ଗନବାଡ଼ି ଚାକିରି ହାତେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଛାତ୍ରୀ ନୂଆଗାଁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୧୪ରେ ଯୁକ୍ତ ୨ ପରୀକ୍ଷା ଦେଇ ଫେଲ୍ ହୋଇଥିଲେ। ଇତିମଧ୍ୟରେ କୁଆଁରମୁଣ୍ଡା ସିଡିପିଓ କାର୍ଯ୍ୟାଳୟ ତରଫରୁ ଆଦିବାସୀ ବର୍ଗର ପ୍ରାର୍ଥିନୀଙ୍କଠାରୁ ଅଙ୍ଗନବାଡ଼ି କର୍ମୀ ପଦ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିରେ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୨ ପାସ୍ ରଖାଯାଇଥିଲା। ଏପରିସ୍ଥଳେ ଯୁବତୀ ଜଣକ ଉପରୋକ୍ତ ବିଦ୍ୟାଳୟର ସାର୍ଟିଫିକେଟ, ମାର୍କସିଟ୍ ଜମା କରିଥିଲେ। ପରେ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନବାଡ଼ି କର୍ମୀ ରୂପେ ସେ ନିଯୁକ୍ତି ପାଇଥିଲେ। ତେବେ ତାଙ୍କ ନିକଟତମ ପ୍ରତିଯୋଗୀ ସୂଚନା ଅଧିକାର ଆଇନ ବଳରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତଥ୍ୟ ମାଗିଥିଲେ। ଅଧ୍ୟକ୍ଷ ଚିଠିର ପ୍ରତ୍ୟୁତ୍ତରରେ ସମ୍ପୃକ୍ତ ଯୁବତୀ ପରୀକ୍ଷାରେ ପାସ୍ କରି ନ ଥିବା ସ୍ପଷ୍ଟ କରିଥିଲେ। ପରେ ବିଦ୍ୟାଳୟର ଚିଠି ନଂ ପିଏସଏଚଏସିଏନ/୩୦୮ ତା ୨୨/୦୨/୨୦୨୪ ରିଖରେ ଆବେଦନକାରୀଙ୍କୁ ଓ କୁଆଁରମୁଣ୍ଡା ସିଡିପିଓଙ୍କୁ ଅବଗତ କରାଇଥିଲେ। ଏପରିସ୍ଥଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଭୋଟର ସଚେତନତା

**ରାଉରକେଲା, ୨୦।୪(ସମିସ):** ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱ ଓ ଏବିଡିଓ ହେମନ୍ତ କୁମାର ଗୁରୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭୋଟଦାନ ସଚେତନ ନାଗରିକଙ୍କ ରାଷ୍ଟ୍ରପ୍ରତି ଏକ ମୁଖ୍ୟ କର୍ତ୍ତବ୍ୟ ବୋଲି କୁହାଯାଇଥିଲା। ଦିବ୍ୟାଙ୍ଗ, ସାମରିକ କ୍ଷେତ୍ର ତଥା ଭୋଟିଂ ମେସିନର ବ୍ୟବହାର ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଭୋଟ ଦେଇପାରିବେ ବୋଲି ଅତିଥିମାନେ କହିଥିଲେ। ଡ. ପରମେଶ୍ୱର ଶତପଥୀ, ଡ. କେଦାରନାଥ ପାଢ଼ୀ, ଡ. କାଳୀକିଙ୍କର ପଣ୍ଡା, ଅଧ୍ୟାପିକା ଶ୍ୟାମବାଳା ଦାସ, ଉଦ୍ଧବ ପ୍ରଧାନ, ରବୀନ୍ଦ୍ର କୁମାର ପୃଷ୍ଟି, ଲାଠିକଟା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଚନ୍ଦ୍ରଭୁଜ ମାଝୀ ଧନ୍ୟବାଦ ଦେଇଥିଲେ।




# ତରଭାରେ ବିଜେଡିର ମିଶ୍ରଣ ପର୍ବ



**ତରଭା, ୨୦।୪(ସମିସ):** ତରଭା ବ୍ଲକ ଝାରତରଭା ପଞ୍ଚାୟତର ଠକପାଲିରେ ଶନିବାର ବିଜେଡିର ପର୍ଯ୍ୟବେକ୍ଷକ ଓ ଦଳୀୟ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ସରୋଜ କମ୍ପ ଅଧ୍ୟକ୍ଷତା କରିଥିଲେ। ସୋନପୁର ନିର୍ବାଚନ ମଣ୍ଡଳୀ ବିଧାନସଭା ପ୍ରାର୍ଥୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳକୁ ଆହୁରି ଅଧିକ ସଂଗଠିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିର୍ବାଚନରେ ବିପୁଳ ଭୋଟରେ ବିଜୟ ସୁନିଶ୍ଚିତ କରିବା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଗତ ଜିଲ୍ଲା ପରଷଦ ନିର୍ବାଚନରେ ତରଭା ଜୋନ ୨ର ବିଜେପି ପ୍ରାର୍ଥନୀଙ୍କ ସ୍ୱାମୀ ଚିତ୍ତରଞ୍ଜନ ସେଠୀ, ବିଜେପିର ସଂଗଠକ କମସରାର ମନୋଜ ପଣ୍ଡା, ସାରଥୀ ବଗର୍ତ୍ତୀ, ପୂର୍ଣ୍ଣଚନ୍ଦ୍ର ବାଗ, ବଘିଆ ସରପଞ୍ଚ ପ୍ରାର୍ଥୀ ପ୍ରଭାତ ସାହୁ ପ୍ରମୁଖ ୩୦ରୁ ଅଧିକ ବ୍ୟକ୍ତି ବିଜେଡିରେ ଯୋଗ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ରମେଶ ପୂଜାରୀ, ମାନଭଞ୍ଜନ ମିଶ୍ର, ସୁବାସ ସେଠୀ, ବ୍ଲକ ସଭାପତି ହେମନ୍ତ ସାହୁ, ଶତ୍ରୁଘ୍ନ ପୃଷ୍ଟି, ଛାତ୍ରନେତା ହେମନ୍ତ ମାଝୀ, ଗଦୀଦାର କୁଆଁର, ଶିବପ୍ରସାଦ କୁଆଁର, ଗଗନ ଅଗ୍ରୱାଲ, ଗଣନାଥ ସାହୁ, ଜନାର୍ଦ୍ଦନ ଥନାପତିଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜିରୁ ନବୀନ ପ୍ରାର୍ଥୀ

# ଉତ୍ସବମୁଖର କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ

**କଣ୍ଟାବାଞ୍ଜି, ୨୦।୪(ସମିସ)**

ରାଜ୍ୟ ରାଜନୀତିର ଚର୍ଚ୍ଚା କେନ୍ଦ୍ରବିନ୍ଦୁ ସାଜିଛି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ। କାରଣ ଏହି ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ଭାବେ ତାଙ୍କ ନା ଘୋଷଣା କରିଛନ୍ତି। ଏହି ଖବର ଶୁଣିବା ପରେ ଗାଁ ଠାରୁ ସହର ଉତ୍ସବ ମୁଖର ହୋଇ ପଡ଼ିଛି। କଣ୍ଟାବାଞ୍ଜି ମାଟିକୁ ନବୀନଙ୍କୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ଜନତା। ଦଳୀୟ କର୍ମୀ ମାନେ ମିଠା ବାଣ୍ଟିବା ସହ ଶୋଭାଯାତ୍ରା କରି ନବୀନ ନାରା ଦେଉଛନ୍ତି।

**ସେମାନଙ୍କ ମୁହଁରୁ...**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ। ଏହା ଗୌରବ କଥା କି ଯେ ମୁଖ୍ୟମନ୍ତ୍ରୀ ଆମ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଦୃଷ୍ଟିଦେଇ ଦେଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ଆମ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ଦ୍ୱାରା ରୋକି ଯାଇଥିବା ବିକାଶ କାର୍ଯ୍ୟ ଦୃତଗତିରେ ହେବ।

**ନିରୁପମା ମାଝୀ, ବଲାଙ୍ଗିର ଜିଲ୍ଲା ଏସ୍‌ଡିସି ଉପାଧ୍ୟକ୍ଷା**



ଆମଅଞ୍ଚଳ ବାସୀ ବହୁତ ଖୁସୀ, ଆମ ନିର୍ବାଚନ ମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରୁ ରେକର୍ଡ ସଂଖ୍ୟା ଭୋଟରେ ବିଜୟ ହେବେ ଏବଂ ନୂଆ ବିକାଶର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଗଠନ ହେବ।

**ମିଥିଳା ମାଝୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା**



ନବୀନ ପଟ୍ଟନାୟକ ପ୍ରାର୍ଥୀ ହେବା ପରେ ବହୁତ୍ ଦିନରୁ ଅବହେଳିତ ଏହି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ନିଶ୍ଚିତ ରୂପେ ବିକାଶ ହେବା ବୋଲି ମୁଁ ଆଶା କରୁଛି। ଏହି ନିର୍ବାଚନ ମଣ୍ଡଳୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନିଶ୍ଚିତ ଭାବେ ଅଞ୍ଚବାସୀଙ୍କ ପାଇଁ ଏକ ଖୁସିର ଖବର।

**ଯୁଗଳ କିଶୋର ଶବର, ଯୁବ ସମାସେବୀ**



ମୁଁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଜଣେ ଭୋଟର ହୋଇଥିବାରୁ ଆଜି ଗର୍ବିତ ଯେ ମୁଖ୍ୟମନ୍ତ୍ରୀଙ୍କୁ ଭୋଟ ଦେବି। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳରୁ ପ୍ରାର୍ଥୀ ହୋଇଛନ୍ତି। ନବୀନ ଯେଉଁ ଠି ବିକାଶ ସେଇଠି, ଆମେ ନବୀନ ପଟ୍ଟନାୟକଙ୍କୁ ପାଇ ଗର୍ବିତ। ନବୀନଙ୍କ ନା ଶୁଣିବା ଏବେ ବିରୋଧୀଙ୍କ ମନରେ ଛନକା ପସି ଯାଇଛି।

**ଲମ୍ବୋଦର ମାହାନନ୍ଦ, ସ୍ଥାନୀୟ ଯୁବକ**

# ମହୁମାଛି ଆକ୍ରମଣରେ ବୃଦ୍ଧା ଓ ୩ ବର୍ଷର ନାତୁଣୀ ଗୁରୁତର

**ଲାଞ୍ଜିଗଡ଼, ୨୦।୪(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଲାଞ୍ଜି ପଞ୍ଚାୟତର ତୁର୍କା ଗାଁରେ ଏକ ବୃଦ୍ଧା ଓ ତାଙ୍କ ୩ ବର୍ଷୀୟ ନାତୁଣୀ ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ଦୁହିଁଙ୍କୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ତୁର୍କା ଗାଁର ବୁଦା ମାଝୀଙ୍କ ମା' ଦୁନି ମାଝୀ (୬୫) ଓ ନାତୁଣୀ ବାସନ୍ତୀ ମାଝୀ(୩) ଶନିବାର ଅପରାହ୍ନ ସାଢେ ୩ଟା ସମୟରେ ଗାଁ ନିକଟସ୍ଥ ଜମିକୁ ଯାଇଥିଲେ। ଚାଷ ଜମିରେ ଥିବା ଏକ ଗଛରେ ମହୁଫେଣା ରହିଥିବା ବେଳେ ଉକ୍ତ ଫେଣାରୁ ଶତାଧିକ ମହୁମାଛି ଆସି ବୃଦ୍ଧା ଓ ତାଙ୍କ ନାତୁଣୀଙ୍କୁ ଆକ୍ରମଣ କରିଥିଲେ। ମହୁମାଛିର ବିଷ କ୍ରିୟା ଯୋଗୁଁ ବୃଦ୍ଧା ଓ ଶିଶୁକନ୍ୟା ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଜମି ଉପରେ ପଡ଼ି ରହିଥିଲେ। ଦୁହିଁଙ୍କ ଚିତ୍କାର ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରିଥିଲେ। ଗାଁର ନବୀନ ମାଝୀ ବିଶ୍ୱନାଥପୁର ସିଏଚସିକୁ ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ କରିଥିଲେ। ସନ୍ଧ୍ୟା ୫ଟାରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଥିଲା ସତ କିନ୍ତୁ ରାସ୍ତା ଖରାପ ଯୋଗୁଁ ଗାଁକୁ ଯାଇ ନ ପାରି ୮ କିଲୋମିଟର ପୂର୍ବରୁ ରହିଥିଲା। ଗୁରୁତର ବୃଦ୍ଧା ଓ ନାତୁଣୀଙ୍କୁ ପରିବାର ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଡାକ୍ତରଖାନାକୁ ପଠାଯାଇଥିଲା।



# କଳିକେଶ ଓ ସୁରେନ୍ଦ୍ରଙ୍କ ବିଶାଳ ବାଇକ୍ ରାଲି



**ବଲାଙ୍ଗିର, ୨୦।୪(ସମିସ):** ବଲାଙ୍ଗିର ସହରରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ କଳିକେଶ ଏବଂ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କ ଉପସ୍ଥିତିରେ ବିଶାଳ ବାଇକ୍ ରାଲି ହୋଇଥିଲା। ଏଥିରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ବଲାଙ୍ଗିର ସହରର କୋଶଳ ଛକ ଠାରୁ ରାଲି ବାହାରି ଭାଗୀରଥି ଛକ, ବିକ୍ରମ ଛକ, ମସ୍‌ଜିଦ ଛକ, ସୁଦପଡ଼ା ଛକ, ପାଟଣେଶ୍ୱରି ମନ୍ଦିର ହୋଇ ଜିଲ୍ଲାପାଳଙ୍କ ଅଫିସ ଏବଂ ରାଜେନ୍ଦ୍ର କଲେଜ ଛକ ଶାନ୍ତିପଡ଼ା ଦେଇ ଆରଟିଓ ଛକ ନୂତନ ବସଟର୍ମିନାଲ ତୁଳସୀନଗର ରୁଗୁଡିପଡ଼ା ପ୍ୟାଲେସ ଲାଇନଦେଇ ଶୈଳେଶ୍ରୀ ପ୍ୟାଲେସ ଠାରେ ଶେଷ ହୋଇଥିଲା।

# ବିଶ୍ୱନାଥପୁରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲାଞ୍ଜିଗଡ଼, ୨୦।୪ (ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଶନିବାର ବିଜେଡ଼ି କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜେଡି କର୍ମୀମାନେ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଏନେଇ କର୍ମୀମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ଼ ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳୀ ମାଝୀ, ବିଜେଡି ଜିଲ୍ଲା ସମ୍ପାଦକ ଜଗଦୀଶ ବେନିଆଁ, ଜିଲ୍ଲା ସାଧାରଣ ସମ୍ପାଦକ ପାତ୍ର ମାଝୀ, ବ୍ଲକ ଯୁବ କାର୍ଯ୍ୟକାରିଣୀ ସମ୍ପାଦକ ବନମାଳୀ ମାଝୀ, ବରିଷ୍ଠ କର୍ମୀ ଶ୍ରୀଧର ପେଶନିଆ, ମନୋହର ହରପାଲ, ଜୋନ୍-୧ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ବ୍ଲକ ବିଜେଡି ସଭାନେତ୍ରୀ ସୁନିତା ଘଡେଇ, ବରିଷ୍ଠ ନେତା ଚାଂଚେର ମାଝୀ, ତ୍ରିଲୋଚନ ପାଣିଗ୍ରାହୀ, ପରମାନନ୍ଦ ମାଝୀ, ହରିହର କୁମାର, ରାଜେନ୍ଦ୍ର ମାଳି, ଧନସିଂ ମାଝୀ, ଦାଶରଥି ମାଝୀ, ହରିଶଙ୍କର ପାତ୍ର, ତୁଳସୀ ନାଏକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ୪ଦିନ ହେବ ଅନ୍ଧାରରେ ଡିମିରିମୁଣ୍ଡା

**ଶଗଡ଼ା, ୨୦।୪(ସମିସ):** କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ଗତ ୪ଦିନ ହେବ ବିଦ୍ୟୁତ୍ ନାହିଁ। ଏଣୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଦ୍ୟୁତ୍ ସବ୍ ଷ୍ଟେସନରେ ଲାଗିଥିବା ଫ୍ୟୁଜ୍ କଟି ଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ଥିବା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ କର୍ମଚାରୀଙ୍କ ଅବହେଳା ଯୋଗୁଁ ଗ୍ରାମର ୧୩୦ ପରିବାର ଅନ୍ଧାର ସହ ଗରମରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ମଚାରୀଙ୍କୁ ଜଣାଇଥିଲେ ସୁଦ୍ଧା ଏହାର ସମାଧାନ ହୋଇନି। କର୍ମଚାରୀଙ୍କ ଅବହେଳା ଯୋଗୁଁ ବିଦ୍ୟୁତ୍ ୪ଦିନ ହେବ ନ ଥିବାରୁ ଛାତ୍ରଛାତ୍ରୀ ପାଠ ପଢ଼ାରେ ବ୍ୟାହତ ହେବା ସହ ଗ୍ରାମବାସୀ ପ୍ରଚଣ୍ଡ ଖରା ସହ ଗରମରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଜନ ଆଶୀର୍ବାଦ ସଭାରେ ଯୋଗଦେଲେ ସମରେନ୍ଦ୍ର



**ବଲାଙ୍ଗିର, ୨୦।୪ (ସମିସ) :** ଏତେ ସଂଖ୍ୟାରେ ଅଞ୍ଚଳରୁ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ମତେ ଆଶୀର୍ବାଦ ଦେବା ପାଇଁ ଆସି ଥିବାରୁ ମୁଁ କୃତଜ୍ଞ। ମୁଁ ପ୍ରତିଜ୍ଞା ଓ ପ୍ରତିଶ୍ରୁତି ଦେଉଛି, ଅଞ୍ଚଳର ବିକାଶ ଦିଗରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ପଦାଙ୍କ ଅନୁସରଣ କରିବି। ଶୁକ୍ରବାର ସ୍ଥାନୀୟ ହୋଟେଲ ସେଲିବ୍ରେସନ ନିକଟସ୍ଥ ପଡ଼ିଆଠାରେ ଅନୁଷ୍ଠିତ ଜନଆଶୀର୍ବାଦ ସଭାରେ ବଲାଙ୍ଗିର ବିଧାନସଭା ନିର୍ବାଚନୀ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଯୋଗଦେଇ ଏହା କହିଛନ୍ତି। ଜନ ଆଶୀର୍ବାଦ ସଭାର ପ୍ରାରମ୍ଭରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ସମସ୍ତ ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକମାନଙ୍କୁ ସ୍ୱାଗତ କରିବା ସହିତ ଅଞ୍ଚଳକୁ ବିକଶିତ କରିବା ପାଇଁ ସରକାରଙ୍କ ସହିତ କିପରି ଲଢେଇ କରାଯାଇଥିଲା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌ÷ରାଞ୍ଚଳ, ସଦର ଓ ଦେଓଗାଁ ବ୍ଲକରୁ ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ।

# ବରକାନିରେ ଯୁବକଙ୍କ ଆତ୍ମହତ୍ୟା

**ତରଭା, ୨୦।୪(ସମିସ):** ତରଭା ଥାନା ଅଧୀନ ବରକାନି ଗ୍ରାମର ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବରକାନି ନିବାସୀ ସୁନାଧର ବିଶିଙ୍କ ପୁଅ ସୁଶାନ୍ତ ବିଶି(୨୪)। ସେ ଦିନ ମଜୁରିଆ ଭାବେ କାମ କରୁଥିଲେ। ପ୍ରାୟ ୨ବର୍ଷ ହେବ ବିବାହ ହୋଇଥିଲା। ତାଙ୍କର ୬ ମାସର ଏକ ଝିଅ ଅଛି। ତେବେ ସୁଶାନ୍ତ ଅନେକ ସମୟରେ ନିଶାରେ ରହୁଥିବାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଶନିବାର ଅପରାହ୍ନରେ ମଧ୍ୟ ମଦ ପିଇବାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ଅପରାହ୍ନ ୪ଟାରେ ସୁଶାନ୍ତ ଘର ଭିତରେ ବେକରେ ଶାଢି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ତରଭା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ତରଭା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏସଆଇ ଏଲ ଡାଙ୍ଗ ତଦନ୍ତ ଦାୟିତ୍ୱ ନେଇଛନ୍ତି।

# ସୋନପୁରରେ ଯାତ୍ରୀ ଖୋଜୁଛନ୍ତି ବସ୍‌ଷ୍ଟାଣ୍ଡ



**ସୋନପୁର, ୨୦।୪(ସମିସ):** ସୋନପୁରରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି। ୨-୩ ଦିନ ହେବ ତାତି ଯୋଗୁଁ ଅସ୍ତବ୍ୟସ୍ତ ହୋଇ ଗଲାଣି ଜନଜୀବନ। ସୋନପୁରର ତାପମାତ୍ରା ଦୁଇ ଦିନ ହେଲା ୪୦ ଡିଗ୍ରୀ ଉପରେ ରହୁଛି। ତେବେ ଚଳିତ ବର୍ଷର ଖରା ସୋନପୁରର ବସ୍‌ଯାତ୍ରୀଙ୍କୁ ଖୁବ୍ ବାଧୁଛି। ସୋନପୁର ବସଷ୍ଟାଣ୍ଡରେ ଏବେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ଟିକିଏ ନାହିଁ। ବସ୍ ଯାତ୍ରୀ ଖରାରୁ ବଞ୍ଚିବା ପାଇଁ ଦୋକାନ ଦୋକାନ ବୁଲୁଛନ୍ତି। ଟିଣ ଛାଉଣୀ ଦୋକାନ ତଳେ ଛିଡା ହୋଇ ବସ୍ ଯାତ୍ରୀ ଦ୍ୱିପହରର ଖରା କାଟୁଛନ୍ତି। ତେଣୁ ସୋନପୁରର ବସ୍‌ଯାତ୍ରୀଙ୍କୁ ଅଂଶୁଘାତର ଭୟ ଘାରିଛି। ସୋନପୁରର ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବସଷ୍ଟାଣ୍ଡ ନିକଟରେ ଥିବା ବହୁ ଷ୍ଟଲ୍ ଭାଙ୍ଗି ଦିଆଯାଇଛି। ଏବେ ମରୁଭୂମି ଭଳି ଲାଗୁଛି ସୋନପୁର ବସଷ୍ଟାଣ୍ଡ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଖାଲି କରିବା ପାଇଁ ଆହୁରି ସମୟ ଲାଗିବ। ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ କରି ସମ୍ପୂର୍ଣ୍ଣ କରିବା ପାଇଁ ବହୁ ସମୟ ଲାଗିବ। ସେ ପର୍ଯ୍ୟନ୍ତ ଯାତ୍ରୀ ଖରା, ବର୍ଷା, ଶୀତରେ କଲବଲ ହେବା ଥୟ।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ



**ମନମୁଣ୍ଡା, ୨୦।୪ (ସମିସ):** କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ବିଜେଡି ଜୋନ୍‌ସ୍ତରୀୟ କର୍ମୀ ସମ୍ମାଳନି ଅନୁଷ୍ଠିତ ହୋଇଯାଇଛି। ଜୋନ୍ ନଂ ୧ର କର୍ମୀ ସମ୍ମିଳନୀ ବରିଷ୍ଠ ନେତା ପ୍ରେମ ରାଜ ରଣାଙ୍କ ଅଧ୍ୟକ୍ଷତାରେ ଉଡେନ ଯାତ୍ରା ପଡ଼ିଆରେ ହୋଇଥିଲା। ଜୋନ ନଂ ୨ର କର୍ମୀ ସମ୍ମିଳନୀ ରୁଣ୍ଡିମହୁଲ-ସୁଲିଆ ନିକଟସ୍ଥ ଆମ୍ବତୋଟାରେ କଣ୍ଟାମାଳ ବ୍ଲକ ବିଜେଡି ସଭାପତି ଶମ୍ଭୁ ପ୍ରସାଦ ସାହୁ ଓ ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପ୍ରଧାନଙ୍କ ନେତୃତ୍ୱରେ ହୋଇଛି। ଜୋନ୍ ନଂ ୩ର କର୍ମୀ ସମ୍ମିଳନୀ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଗୋଠ ଆମ୍ବ ବଗିଚାରେ ହୋଇଛି। ଜୋନ ନଂ ୪, ୫ ଓ ୬ର କର୍ମୀ ସମ୍ମିଳନୀ ବାଉଁଶୁଣି ଆମ୍ବତୋଟାରେ ବୌଦ୍ଧ ବ୍ଲକ ବିଜେଡି ସଭାପତି ବାଳ ମୁକୁନ୍ଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜୋନ୍ ନଂ ୧, ୨, ଓ ୩ ସମ୍ମିଳନୀରେ ୮ଟି ଲେଖାଏଁ ପଞ୍ଚାୟତର ୨୪ଟି ପଞ୍ଚାୟତର ବିଜେଡି କର୍ମୀ ଯୋଗ ଦେଇଥିଲେ। ଜୋନ୍ ନଂ ୪, ୫ ଓ ୬ର ବାଉଁଶୁଣିରେ ଅନୁଷ୍ଠିତ ସମ୍ମିଳନୀରେ ୧୨ଟି ପଞ୍ଚାୟତର ହଜାର ହଜାର କର୍ମୀ ଯୋଗ ଦେଇଥିଲେ। ଜୋନ୍ ନଂ ୧ରେ ବିଧାୟକ ପ୍ରାର୍ଥୀ ମହିଧର ରଣା ଯୋଗ ଦେଇ ନିର୍ବାଚନର ରଣନୀତି, କର୍ମୀମାନଙ୍କ କର୍ତ୍ତବ୍ୟ ଇତ୍ୟାଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ଜୋନ୍‌ରେ ନେତୃତ୍ୱ ନେଇଥିବା ନେତାଗଣ ଉପସ୍ଥିତ କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ମହିଧର ରଣା ଓ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ବିଜୟୀ କରିବାକୁ ସମସ୍ତେ ନିଜ ନିଜ ଗ୍ରାମ, ବୁଥ୍‌ରେ ଆପ୍ରାଣ ଉଦ୍ୟମ କରିବାକୁ ନିବେଦନ କରିଥିଲେ। ପ୍ରତ୍ୟେକ ଜୋନ୍‌ର ଉପସ୍ଥିତ କର୍ମୀମାନେ ମଧ୍ୟ ତାହା ସାକାର କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କେଉଁ କର୍ମୀର କ'ଣ କର୍ତ୍ତବ୍ୟ, କେଉଁଠାରେ କ'ଣ କରିବାକୁ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଦମାମୁଣ୍ଡାର ଦଧିବାମନ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଗ୍ରାମର ୫୦ ଜଣ ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଅନୁପ୍ରାଣିତ ହୋଇ ଜୋନ୍ ନଂ ୩ କର୍ମୀ ସମ୍ମିଳନୀରେ ବିଜେଡିରେ ସାମିଲ ହୋଇଥିଲେ। ପ୍ରଶାନ୍ତ ରଣା ସମସ୍ତଙ୍କୁ ବିଜେଡି ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ବିଜେଡିରେ ସେମାନେ ସାମିଲ ହେବା ଘୋଷଣା କରିଥିଲେ।

# ନିଖୋଜ ସ୍ୱାମୀ ଓ ବନ୍ଧକ ପୁଅକୁ ଉଦ୍ଧାର ପାଇଁ ମା'ର ନିବେଦନ

**ଖପ୍ରାଖୋଲ, ୨୦।୪(ସମିସ)**

ବଲାଙ୍ଗିର ଜିଲ୍ଲା ଅଧୀନ ସ୍ଥାନୀୟ ଖପ୍ରାଖୋଲ ଗ୍ରାମର ଡୁଗୁରୁ ବରିହା (୬୦) ତାମିଲନାଡୁର ଏକ ଇଟାଭାଟିରେ କାମ କରିବାକୁ ଯାଇ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ବାପା ନିଖୋଜ ହେବା ପରେ ପୁଅ ବୁଲୁ ବରିହାଙ୍କୁ ଦାଦନ ମାଲିକ ବନ୍ଧକ ରଖିଥିବା ପ୍ରେମ ବରିହା ଅଭିଯୋଗ କରିଛନ୍ତି। ଖପ୍ରାଖୋଲ ଗ୍ରାମର ଦାଦନ ଦଲାଲ ଲଳିତ ଭୋଇଙ୍କ ମାଧ୍ୟମରେ ସ୍ଥାନୀୟ ଥାନା ଅନ୍ତର୍ଗତ କପସିପାଲି ଗ୍ରାମର ଦାଦନ ସର୍ଦ୍ଦାର ଚଇତୁ ଛୁରଙ୍କ ନିକଟରୁ ଡୁଗୁରୁ ଓ ପୁଅ ବୁଲୁ ଦାଦନ ଖଟି ଯିବାପାଇଁ ଅଗ୍ରିମ ଟଙ୍କା ଆଣିଥିଲେ। ଆଣିଥିବା ଟଙ୍କାରେ ଘରର ଧାର କରଜ ଶୁଝିବା ସହ ପରିବାର ପୋଷଣ କରିଥିଲେ। ଏହା ପରେ ଦାଦନ ସର୍ଦ୍ଦାର ଚଏତୁ ତାଙ୍କ ଘରକୁ ଗାଡ଼ି ଲଗାଇ ଲାଠୋର ଟ୍ରେନ ଷ୍ଟେସନକୁ ନେଇଥିଲେ। ସେଠାରୁ ସେମାନେ ତାମିଲନାଡୁର ମାଡ୍ରାସ ଇଟାଭାଟିକୁ କାମ କରିବା ପାଇଁ ଯାଇଥିଲେ। ହେଲେ ସେଠାରେ କୌଣସି କାରଣରୁ ଡୁଗୁରୁ ନିଖୋଜ ହୋଇଯାଇଥିବା ଦାଦନ ସର୍ଦ୍ଦାର ସ୍ତ୍ରୀ ପ୍ରେମକୁ ଜମାଇଥିଲେ। କିଛି ଦିନ ପରେ ପ୍ରେମ ବରିହା ସ୍ୱାମୀଙ୍କୁ ଖୋଜି ଆଣିବା ସହ ପୁଅକୁ ନିଜ ଘରକୁ ଆଣିବା ପାଇଁ ଦାଦନ ସର୍ଦ୍ଦାରଙ୍କୁ ନିବେଦନ କରିଥିଲେ। ଦାଦନ ସର୍ଦ୍ଦାର ରାଗି ଯାଇ 'ତୋ ସ୍ୱାମୀ ତୋ ଘରକୁ ଚାଲି ଆସିବ' ବୋଲି କହିଥିଲେ। ଦୀର୍ଘ ଦିନ ବିତିଗଲା ପରେ ସ୍ୱାମୀ ଓ ପୁଅ ଘରକୁ ନ ଫେରିବାରୁ ପ୍ରେମ ୪ମାସ ହେବ ଖପ୍ରାଖୋଲ ଥାନାର ଦ୍ୱାରସ୍ତ ହୋଇ ପୂର୍ବତନ ଥାନା ଅଧିକାରୀଙ୍କୁ ଘଟଣା ବିଷୟରେ ଅଭିଯୋଗ କରିଥିଲେ। ହେଲେ ତତ୍କାଳୀନ ଥାନା ଅଧିକାରୀ ରମାକାନ୍ତ ସାହୁ ତାଙ୍କ କଥା ଶୁଣି ନ ଥିବା ସେ ଅଭିଯୋଗ କରିଛନ୍ତି। ଅପର ପକ୍ଷେ ପ୍ରେମ ବରିହା ବାର୍ଦ୍ଧକ୍ୟ ରୋଗିଣୀ ହେବା ସହ ମାନସିକ ଚିନ୍ତାରେ ଭାଙ୍ଗି ପଡ଼ିଥିବାରୁ ଠିକ୍ ଭାବରେ ଖାଦ୍ୟପେୟ ଖାଉ ନ ଥିବା ଜଣାପଡ଼ିଛି। ଏବେ ନିଜ ଘରେ ତାଙ୍କର କେହି ନଥିବାରୁ ସେ ଏକା ରହୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଧ୍ୟାନଦେଇ ବାପ-ପୁଅଙ୍କୁ ନିଜ ଘରକୁ ଆଣି ଦେବା ପାଇଁ ସେ ଗୁହାରି କରିଛନ୍ତି।



# ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚର ଭୋଟ୍ ବର୍ଜନ ନିଷ୍ପତ୍ତି

ସୁନ୍ଦରଗଡ଼, ୨୦।୪(ସମିସ)




ଏମସିଏଲ ବସୁନ୍ଧରା ଓ ମହାଲକ୍ଷ୍ମୀ ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତ୍ତି ନିଆଯାଇଛି। ମଞ୍ଚ ପକ୍ଷରୁ ଏ ନେଇ ସୁନ୍ଦରଗଡ଼ ସୁଜାତା ରେସିଡେନ୍ସି ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଗତ ମାର୍ଚ୍ଚ ୧୪ ତାରିଖ ମଞ୍ଚ ପକ୍ଷରୁ ସୁନ୍ଦରଗଡ଼ ସହର ପରିକ୍ରମା କରି ବିରାଟ ଶୋଭାଯାତ୍ରା ମାଧ୍ୟମରେ ଏମସିଏଲ ବସୁନ୍ଧରା ଓ ମହାଲକ୍ଷ୍ମୀ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ୧୪ ଗ୍ରାମର ହଜାର ହଜାର ବିସ୍ଥାପିତ ପରିବାର ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିସ୍ଥାପନ ସମସ୍ୟା ସମାଧାନ ନ ହେଲେ ସେମାନେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ମାତ୍ର ଏହାର ମାସକ ପରେ ବି ଏମସିଏଲ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ୧୯୮୯ ମସିହାରୁ ଏପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ ବିତିଯାଇଥିଲେ ମଧ୍ୟ ଏମସିଏଲ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ବିସ୍ଥାପିତ ହେବାକୁ ଥିବା ୧୪ ଗ୍ରାମ ମଧ୍ୟରୁ କୌଣସି ଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ପୁନର୍ବାସ ଓ ଥଇଥାନ ଆଇନ ଅନୁସାରେ ବିସ୍ଥାପିତ କରିନାହାନ୍ତି। ୧୯୯୫ରୁ ୨୦୦୩ ପର୍ଯ୍ୟନ୍ତ ଶାଗମାଛ ଦରରେ ବିସ୍ଥାପିତଙ୍କୁ କ୍ଷତିପୂରଣ ଦେଇ ଚାଲିଥିଲେ। ଏହା ବିରୋଧରେ ୨୦୦୩ରେ ଗୋପାଳପୁର ଗ୍ରାମର ଜଣେ ବିସ୍ଥାପିତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ୨୦୦୬ରେ ବିଚାରପତି ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ଉକ୍ତ ରାୟକୁ ଏମସିଏଲ କର୍ତ୍ତୃପକ୍ଷ ଚାଲେଞ୍ଜ କରି ୨୦୦୭ରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ସୁପ୍ରିମକୋର୍ଟ ୨୦୧୦ରେ ଏହାର ରାୟ ପ୍ରକାଶ କରି ସମ୍ପୃକ୍ତ ୧୪ ଗ୍ରାମର ବିସ୍ଥାପିତଙ୍କୁ କ୍ଷତିପୂରଣ, ଚାକିରି, ପୁନର୍ବାସ ଓ ଥଇଥାନ ସୁଚାରୁରୂପେ କରିବା ପାଇଁ କ୍ଲେମ୍ କମିଶନ ଗଠନ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ କମିଶନ ମଧ୍ୟ ବିସ୍ଥାପିତଙ୍କ ସପକ୍ଷରେ ଅନେକ ଆଦେଶ ଦେଇସାରିଛି। ତେବେ ଏମସିଏଲ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ କୌଣସି ଆଦେଶର ସଠିକ ଅନୁପାଳନ କରୁନାହାନ୍ତି। ବିସ୍ଥାପିତ ଗ୍ରାମବାସୀ ବାରମ୍ବାର ଏମ୍‌ସିଏଲ ଅଧିକାରୀ, ପ୍ରଶାସନ ଏବଂ ଅଦାଲତକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲା ପରେ ୧୦ ବିସ୍ଥାପିତ ଗ୍ରାମବାସୀଙ୍କୁ ଆଂଶିକ ଭାବେ କ୍ଷତିପୂରଣ ସହ କିଛି ଲୋକଙ୍କୁ ଚାକିରି ପ୍ରଦାନ କରାଯାଇଛି। କୌଣସି ଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ବିସ୍ଥାପିତ କରାଯାଇ ନାହିଁ।

ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଅବଶିଷ୍ଟ ୪ ଗ୍ରାମରେ କ୍ଷତିପୂରଣ, ଚାକିରି, ପୁନର୍ବାସ ଓ ଥଇଥାନ ଆଦି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗ୍ରାମବାସୀ ୨୦୨୩ ନୂତନ ଆଇନ ଲାଗୁ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପାଖରେ ଗୁହାରି କରି ସଫଳ ନ ହେବାରୁ ୨୦୧୯ରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୁପ୍ରିମକୋର୍ଟ କ୍ଷତିପୂରଣ, ଚାକିରି ପାଇଁ ଛଅ ମାସ ଏବଂ ପୁନର୍ବାସ ଓ ଥଇଥାନ ପାଇଁ ଏକ ବର୍ଷ ସମୟ ଦେଇଥିଲେ। ଏହା ଭିତରେ ଦୀର୍ଘ ଦେଢ଼ ବର୍ଷ ବିତିଯାଇଥିଲେ ବି ଏମସିଏଲ କିମ୍ବା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଚଳିତ ସାଧାରଣ ନିର୍ବାଚନରେ ମଞ୍ଚ ପକ୍ଷରୁ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ମଞ୍ଚ କର୍ମକର୍ତ୍ତା ନାରାୟଣ ପଟେଲ, ସଞ୍ଜୟ କର୍ତ୍ତା, ଶିଶିର ଚୌଧୁରୀଙ୍କ ସମେତ ଡୁମୁଲିଆ ସରପଞ୍ଚ ଶେଷବତୀ ପ୍ରଧାନ, କିରିପସିରା ସରପଞ୍ଚ ରେବତୀ ଛତ୍ରିଆ ଓ ବଲିଙ୍ଗା ସରପଞ୍ଚ ସୁଭଦ୍ରା ବୈଗା ମଞ୍ଚାସୀନ ଥିଲେ। ମଞ୍ଚର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

## ବିଜେଡି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର
# ଗାଁ ଗାଁ ବୁଲି ଚାଲିଛି ବୈଠକ



**ହେମଗିରି, ୨୦।୪(ସମିସ):** ହେମଗିରି ବ୍ଲକରେ ସୁନ୍ଦରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀ ମାରାଥନ୍ ପ୍ରଚାର କରିଛନ୍ତି। ବ୍ଲକର ବିଭିନ୍ନ ଗ୍ରାମରେ ବୈଠକ କରି ଲୋକଙ୍କ ସମର୍ଥନ ଲୋଡ଼ୁଛନ୍ତି। ଏହି ଅବସରରେ ସେମାନଙ୍କ ସହ ବହୁ ସମର୍ଥକ ଓ କର୍ମୀ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି ପ୍ରତ୍ୟେକ ସ୍ଥାନରେ ନୂତନ ଭୋଟର୍‌ଙ୍କୁ ସ୍ୱାଗତ ଜଣାଇଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଉଭୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଯୁବ ବିଜେଡି ବ୍ଲକ ସଭାପତି କଳାକାହ୍ନୁ ମେହେରଙ୍କ ନେତୃତ୍ୱ ତଥା ସଂଯୋଜନାରେ ବହୁ ସଂଖ୍ୟାରେ ନୂତନ ଯୁବ ଭୋଟର୍ ବିଜେଡି ସହ ଯୋଡ଼ି ହେଉଛନ୍ତି। ଏହି ବୈଠକଗୁଡ଼ିକରେ ହେମଗିରି ରାଜପରିବାରର କୁମାର ସାହେବ ସମେନ୍ଦ୍ର ସିଂଦେଓଙ୍କ ସମେତ ବ୍ଲକ ସଭାପତି ସୁକାନ୍ତ ପତି, ବିଜୟ ନାଏକ ବେହେରା, କାଶୀନାଥ ରାଉତ, ପ୍ରମୋଦ ପତି, ସୁକାନ୍ତ ମିଶ୍ର, ରମେଶ ପାଣ୍ଡେ, ପ୍ରକାଶ ବହିଦାର, ଶାନ୍ତ ଧୂଆ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକଙ୍କ ମୃତ୍ୟୁ

ହେମଗିରି, ୨୦।୪(ସମିସ): ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ହେଲେ ଗଡ଼ଦ୍ୱାର ଗ୍ରାମର ବିଶ୍ୱମ୍ବର ସିଂଙ୍କ ପୁଅ ଗୁରୁଦେବ ସିଂ (୩୨)। ଗୁରୁଦେବ ହେମଗିରିଠାରୁ ଏମ୍‌ସିଏଲ ବସୁନ୍ଧରା ଡାକ୍ତରଖାନାକୁ ଆମ୍ବୁଲାନ୍ସ ନେଇ ଫେରୁଥିବା ବେଳେ ଡିଭାଇଡର୍‌ରେ ପିଟିହୋଇ ଗାଡ଼ି ଓଲଟି ପଡ଼ିଥିଲା। ଗୁରୁଦେବ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହେମଗିରି ଡାକ୍ତରଖାନା ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଗୁରୁଦେବଙ୍କ ପରିବାରରେ ତାଙ୍କ ମାଆ, ସ୍ତ୍ରୀ ଓ ଦୁଇ ସନ୍ତାନ ଅଛନ୍ତି। ଏ ନେଇ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।




# ଝାଡ଼ାବାନ୍ତିରେ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



**କୁତ୍ରା, ୨୦।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପିଛି ଝାଡ଼ାବାନ୍ତି। ୨୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରୁ ପଙ୍ଗନିଆବାହାଲ, ନୂଆଗାଁ ଓ ଝାଡ଼ଖଣ୍ଡ ରାଜ୍ୟ କାଦୋବାହାଲ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କୁତ୍ରା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କିଛିଦିନ ତଳେ କୁତ୍ରା ଅଞ୍ଚଳରେ ବର୍ଷା ହୋଇଥିଲା। ଏବେ ଦୁଇ ତିନିଦିନ ହେବ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ପାଖାପାଖି ରହୁଛି। ଫଳରେ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କୁତ୍ରା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଓଆରଏସ ପାଣି ଓ ସାଲାଇନ ଦିଆଯାଇ ଚିକିତ୍ସା କରାଯାଉଥିବା କୁତ୍ରା ଡାକ୍ତରଖାନା ଇନଚାର୍ଜ ଡା. ଶ୍ରୀକାନ୍ତ ଟପ୍ପୋ ପ୍ରକାଶ କରିଛନ୍ତି। ଏହି ସମୟରେ ଲୋକେ ଅଧିକରୁ ଅଧିକ ପାନୀୟ ପିଇବା ପାଇଁ ସେ ଅନୁରୋଧ କରିଛନ୍ତି। କିଛିଦିନ ପୂର୍ବେ ବର୍ଷା ଓ ତା' ପରେ ହଠାତ୍ ତାପମାତ୍ରା ବୃଦ୍ଧି ଯୋଗୁଁ ଏଭଳି ହେଉଥିବା ସେ ପ୍ରକାଶ କରିଛନ୍ତି।

# ଅଜଣା ଟ୍ରକ୍ ଧକ୍କାରେ ଓଲଟିଲା ପିକ୍‌ଅପ; ୫ ଗୁରୁତର

**ଲହୁଣୀପଡ଼ା, ୨୦।୪(ସମିସ):** ସ୍ଥାନୀୟ କେ.ବଲାଙ୍ଗ ଥାନା ଅର୍ନ୍ତଗତ ଚୁନାଘାଟିରେ ଅଜଣା ଟ୍ରକ ପିକଅପ ଭ୍ୟାନକୁ ପଛରୁ ଧକ୍କାଦେବାରୁ ଭ୍ୟାନ୍ ଓଲଟିପଡ଼ି ସେଥିରେ ଥିବା ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଆକାଶ ମୁର୍ମୁ (୧୨), ମଦନ ଟୁଡୁ (୧୯), ସୁନୀଲ ମୁର୍ମୁ (୧୯), ବିଷ୍ଣୁପ୍ରିୟା ଜାନୁ (୪୮) ଏବଂ ପିକଅପ ଚାଳକ ବିକାଶ ଗୋପ (୩୯)। ବଡ଼ବିଲ ଗୋଆରୁ ବଣାଇଁକୁ ଚୈତ୍ରମେଳାରେ ମନୋହରି ବ୍ୟବସାୟ ପାଇଁ ଏକ ପିକଅପ ଯୋଗ ଏମାନେ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗ ଲହୁଣୀପଡ଼ା ଡାକ୍ତରଖାନା ଅଣାଯାଇଥିଲା। ତିନିଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଆହତମାନେ ପଶ୍ଚିମବଙ୍ଗ ବେଲାଦା ଥାନା ଅନ୍ତର୍ଗତ ଖଡ଼ନଗର ଗ୍ରାମର ବୋଲି ଜଣାପଡ଼ିଛି।






# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ରାଉରକେଲା, ୨୦।୪(ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ଲାଠିକଟା ଥାନା ତୁରିବେର୍ଣ୍ଣା ଛକରେ ଶନିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁଲାମୁଣ୍ଡା ଗ୍ରାମର ଅଭିରାମ ଲୁଗୁନ (୪୦)। ସେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରାତିରେ ବାଇକ୍ ଯୋଗେ କୁଲାମୁଣ୍ଡାରୁ ତୁରିବେର୍ଣ୍ଣା ଛକକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗଳିତ ମୃତଦେହ ଚିହ୍ନଟ
# ଡହ ଡହ ଖରାରେ ସତ୍କାର କଲେ ଶ୍ମଶାନବନ୍ଧୁ

**ସୁନ୍ଦରଗଡ଼, ୨୦।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ପୁଲିସ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ଶବାଗାରରେ ସଂରକ୍ଷିତ ରଖାଇଥିବା ଗଳିତ ମୃତଦେହ ଚିହ୍ନଟ ହୋଇଛି। ମୃତଦେହଟି ରେଙ୍ଗାଲି ପଞ୍ଚାୟତ ଶରଧାପାଲି ଗ୍ରାମର ଶୁକଦେବ ଧୁରୁଆଙ୍କ ପୁଅ ମନୋରଞ୍ଜନ ଧୁରୁଆ (୪୫)ଙ୍କର ବୋଲି ଜଣାପଡ଼ିଛି। ଗତ ୧୧ ତାରିଖ ଉକ୍ତ ମୃତଦେହକୁ ପୁଲିସ ମହାନଦୀରୁ ଉଦ୍ଧାର କରିଥିଲା। ଶରୀରର ଅନେକ ଅଂଶକୁ ମାଛ ଓ ଜଳଚର ପ୍ରାଣୀ ଖାଇ ଛିନ୍ନଭିନ୍ନ କରି ପକାଇଥିଲେ। ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ମୃତଦେହ ଚିହ୍ନଟ ନ ହେବା ତଥା ଗଳିତ ଶବ ଯୋଗୁଁ ପୁଲିସ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଏଫଏମଟି କରାଇବା ପାଇଁ ଶବାଗାରରେ ସଂରକ୍ଷିତ ରଖାଇଥିଲା। ସେହିପରି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ମୃତକଙ୍କ ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ପୁଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। କିନ୍ତୁ ମୃତଦେହ ପଚିଶଢ଼ି ଯାଇଥିବା ଏବଂ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ନିଜ ଗ୍ରାମକୁ ନେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ବନହରପାଲି ଥାନା ପୁଲିସ ସୁନ୍ଦରଗଡ଼ର ଟିମ ଶ୍ମଶାନବନ୍ଧୁଙ୍କ ନିଃଶୁଳ୍କ ଶବ ସତ୍କାର ବିଷୟରେ ଜାଣିବା ପରେ ଶ୍ମଶାନବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରି ସତ୍କାରରେ ସହଯୋଗ କରିବାକୁ ଅନୁରୋଧ କରିଥିଲା। ପ୍ରବଳ ଖରାକୁ ଖାତିର ନ କରି ଶ୍ମଶାନବନ୍ଧୁମାନେ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ମୃତଦେହ ନେଇ ହିନ୍ଦୁ ନୀତିନିୟମ ଅନୁଯାୟୀ ପରିବାର ଲୋକଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର କରିଥିଲେ। ବନହରପାଲି ଥାନାର ମହିଳା ପୁଲିସ ଅଧିକାରୀ ବିନିତା ଟପ୍ପୋ ଓ ମାନସୀ ପଟେଲ ଉପସ୍ଥିତ ଥିଲେ। ଶ୍ମଶାନବନ୍ଧୁ ପରିବାରର ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସମେତ ଶିଶିର କୁମାର ବେହେରା, ଟିଣ୍ଟୁ ରକ୍ସା ପ୍ରମୁଖ ଦାହ ସଂସ୍କାରରେ ସାମିଲ ହୋଇଥିଲେ। ଶ୍ମଶାନବନ୍ଧୁଙ୍କ ଏତାଦୃଶ ମାନବିକ କାର୍ଯ୍ୟକୁ ପୁଲିସ ଏବଂ ପରିବାର ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି।

# ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଟ୍ରାଫିକ୍ ସିଗ୍ନାଲ ବନ୍ଦ ରଖିବାକୁ ଦାବି

**ସୁନ୍ଦରଗଡ଼, ୨୦।୪(ସମିସ):** ସମର୍ପିତ ସେବା ସଂସ୍ଥାନ (ଟିମ ଶ୍ମଶାନ ବନ୍ଧୁ)ର ଏକ ପ୍ରତିନିଧି ଦଳ ଶନିବାର ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦିନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସ୍ଥାନୀୟ ଡିଆରଡିଏ ଛକରେ ଥିବା ସ୍ୱୟଂଚାଳିତ ଟ୍ରାଫିକ ସିଗ୍ନାଲକୁ ଗ୍ରୀଷ୍ମଋତୁ ଶେଷ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଦାବି କରିଛନ୍ତି। ଚଳିତ ଗ୍ରୀଷ୍ମ ପ୍ରାରମ୍ଭରୁ ସୁନ୍ଦରଗଡ଼ରେ ପ୍ରଚଣ୍ଡ ରୌଦ୍ରତାପ ସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଏଥିରେ ଜନଜୀବନ ବିଶେଷ ପ୍ରଭାବିତ ହୋଇ ଅସ୍ତବ୍ୟସ୍ତ ହୋଇ ପଡୁଛି। ଲୋକେ ଘରୁ ବାହାରକୁ ବାହାରିବାକୁ ଡରୁଛନ୍ତି। କିନ୍ତୁ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ କୋଚିଂ କ୍ଲାସକୁ ଯାଉଥିବା ବେଳେ ଦୈନନ୍ଦିନ କାର୍ଯ୍ୟରେ ଘରୁ ବାହାରୁଥିବା କର୍ମଜୀବୀ ପୁରୁଷ ମହିଳା, ଶ୍ରମିକ ତଥା ବିଭିନ୍ନ ଦୋକାନୀଙ୍କୁ ଘରୁ ବାହାରିବାକୁ ପଡୁଛି। ସରକାରୀ ବେସରକାରୀ କର୍ମଚାରୀଙ୍କୁ ଅବା ନିସ୍ତାର କାହିଁ। ତେବେ ସୁନ୍ଦରଗଡ଼ ଡିଆରଡିଏ ଛକରେ ଥିବା ଟ୍ରାଫିକ ସିଗ୍ନାଲ ପୋଷ୍ଟରେ ସକାଳ ୮ଟାରୁ ଦିନ ଗୋଟାଏ ଓ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ସ୍ୱୟଂଚାଳିତ ଟ୍ରାଫିକ ସିଗ୍ନାଲ କାମ କରୁଥିବାରୁ ଡହଡହ ଖରାରେ ଯାତ୍ରୀଙ୍କୁ ଦୁଇ ତିନିମିନିଟ ଠିଆ ହେବାକୁ ପଡୁଛି। ଏଠାରେ କୌଣସି ଗଛଲତାର ଛାଇ ମଧ୍ୟ ନାହିଁ। ଏଣୁ ଯାତ୍ରୀମାନେ ଖରାରେ ସିଝୁଥିବା ବେଳେ ଅଂଶୁଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରୁନାହିଁ ବୋଲି ଟିମ୍ ଶ୍ମଶାନ ବନ୍ଧୁ ପକ୍ଷରୁ ଦର୍ଶାଯାଇଛି। ଏସପି ଦିବାକର ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା, ଶିଶିର କୁମାର ବେହେରା, ଟିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

**ଏସ୍‌ପିଙ୍କୁ ଶ୍ମଶାନ ବନ୍ଧୁ ଟିମ୍‌ର ସ୍ମାରକପତ୍ର**




## ପ୍ରଫୁଲ୍ଲଙ୍କ ପରେ କଂଗ୍ରେସରୁ ସଞ୍ଜୟଙ୍କ ଇସ୍ତଫା
# ଦୁର୍ବଳ ହେଉଛି ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ

**ସୁନ୍ଦରଗଡ଼, ୨୦।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଞ୍ଜୟ ସାହୁ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ନେଇ ଜିଲ୍ଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀଙ୍କୁ ପତ୍ର ଲେଖିଛନ୍ତି। ସଞ୍ଜୟ ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିଲେ। ୨୦୦୩ରୁ ୨୦୦୭ ପର୍ଯ୍ୟନ୍ତ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଏବଂ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଦାୟିତ୍ୱରେ ଥିଲେ। କିଛିଦିନ ତଳେ କଂଗ୍ରେସର ଟାଣୁଆ ନେତା ପ୍ରଫୁଲ୍ଲ ସୁନ୍ୟାନୀ ମଧ୍ୟ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ଜଣକ ପରେ ଜଣେ କଂଗ୍ରେସ ନେତା ଦଳ ଛାଡୁଥିବାରୁ ଏଠାରେ କଂଗ୍ରେସ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। କିଛିମାସ ତଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତଯୋଡ଼ୋ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଗସ୍ତ କରିବା ପରେ ଦଳ ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ସମ୍ପ୍ରତି ଏହାର ବ୍ୟତିକ୍ରମ ଘଟିଛି।

## ରାଉରକେଲା ବିଜେପିରେ ବିଦ୍ରୋହ ଜାରି
# ହଟିଲେ ୩ ମଣ୍ଡଳ ସଭାପତି: ନିହାରଙ୍କୁ ଝଟ୍‌କା

ରାଉରକେଲା, ୨୦।୪(ସମିସ)

ଶନିବାର ବିଜେପିର ବରିଷ୍ଠ ନେତା ତଥା ବିଦ୍ରୋହୀ ନିହାର ରାୟଙ୍କ ଅତି ନିକଟତମ ତିନି ଅନୁଗତ ତଥା ମଣ୍ଡଳ ସଭାପତିଙ୍କୁ ତାଙ୍କ ପଦରୁ ବହିଷ୍କାର କରାଯାଇଛି। ଏ ନେଇ ରାଉରକେଲା ରାଜନୀତି ସରଗରମ ହୋଇଉଠିଛି। ପାନପୋଷ ସାଂଗଠନିକ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଦସ୍ତଖତରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବହିଷ୍କୃତ ନିହାରଙ୍କ ଅନୁଗତ ହେଲେ ରଘୁନାଥପାଲୀ ପଶ୍ଚିମ ମଣ୍ଡଳ ସଭାପତି ବସନ୍ତ ସାମଲ, ବାସନ୍ତୀ କଲୋନୀ ମଣ୍ଡଳ ସଭାପତି ଟୁବୁ ଗୋସ୍ୱାମୀ ଓ ମିଡ୍ ଟାଉନ ମଣ୍ଡଳ ସଭାପତି ବିନ୍ଦର ସିଂହ। ଏମାନଙ୍କୁ ତାଙ୍କ ପଦରୁ ବିଚ୍ୟୁତ କରାଯାଇ ତାଙ୍କ ସ୍ଥାନରେ ନୂତନ ନାମ ଘୋଷଣା କରାଯାଇଛି।

ରଘୁନାଥପାଲୀ ପଶ୍ଚିମ ମଣ୍ଡଳ ସଭାପତି ଭାବେ ସନ୍ତୋଷ ବିରାଟ, ରାଉରକେଲା ବାସନ୍ତୀ ମଣ୍ଡଳ ସଭାପତି ଭାବେ ସମର ତନ୍ତୀ ଓ ମିଡ୍ ଟାଉନ ସଭାପତି ଭାବେ କେଦାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ନୂତନ ମଣ୍ଡଳ ସଭାପତିମାନେ ପ୍ରାର୍ଥୀ ଦିଲୀପ ରାୟଙ୍କ ସମର୍ଥକ ବୋଲି ଜଣାପଡ଼ିଛି। ଅପରପକ୍ଷେ କିଛିଦିନ ପୂର୍ବେ ମଣ୍ଡଳ ସଭାପତିମାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିବାରୁ ନିହାର ରାୟଙ୍କ ସମର୍ଥକଙ୍କ ପ୍ରତି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ ଦିଲୀପ ରାୟଙ୍କ ନାମ ବିଜେପି ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଦଳରୁ ଟିକଟ ଆଶାୟୀ ଥିବା ନିହାର ରାୟ ଏବଂ ତାଙ୍କ ସମର୍ଥକମାନେ ଏହାକୁ ବିରୋଧ କରି ଶକ୍ତି ପ୍ରଦର୍ଶନ କରିବା ସହ ପୁନଃ ନିଷ୍ପତ୍ତି ପାଇଁ ଦାବି କରିଛନ୍ତି। ପରବର୍ତ୍ତୀ ସମୟରେ ଦିଲୀପ, ଜୁଏଲ ଓରାମ ଓ ଅନ୍ୟ ନେତାମାନେ ବାରମ୍ବାର ନିହାରଙ୍କୁ ବୁଝାଶୁଝା କରିଥିଲେ ହେଁ ବିଫଳ ହୋଇଥିଲେ। ତେବେ ନିର୍ବାଚନ ଯେତେ ପାଖେଇ ଆସୁଛି ଦଳରେ ସେତେ କନ୍ଦଳ ସୃଷ୍ଟି ହେଉଛି। ଆଜିର ନିଷ୍ପତ୍ତି ପରେ ନିହାର ରାୟଙ୍କ ପଦକ୍ଷେପ କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦଳର ଏହି ଅନ୍ତଃ କନ୍ଦଳ ଆଗାମୀ ନିର୍ବାଚନରେ ଦଳକୁ କେଉଁଆଡ଼କୁ ନେଉଛି ତାହା ଦେଖିବାକୁ ବାକି ରହିଲା।

# ନିଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘର ପ୍ରତିଷ୍ଠା ଦିବସ




ସୁନ୍ଦରଗଡ଼, ୨୦।୪(ସମିସ): ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହରେ ସୁନ୍ଦରଗଡ଼ ବ୍ୟାଙ୍କ୍ ସମନ୍ୱୟ କମିଟି ପକ୍ଷରୁ ନିଖିଳ ଭାରତ ବ୍ୟାଙ୍କ କର୍ମଚାରୀ ମହାସଂଘର ୭୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିକାରୀ ଅଶୋକ କୁମାର ପଶାୟତଙ୍କ ଅବାହକତ୍ୱରେ ଆୟୋଜିତ ଏହି ସମାରୋହରେ ବିମଳ କୁମାର ବୋଷ, ରାଧାଶ୍ୟାମ ଦାସ, ସରୋଜିନୀ ଡୁଙ୍ଗଡୁଙ୍ଗ, ପ୍ରଦ୍ୟୁମ୍ନ କୁମାର ନନ୍ଦ, ଉମେଶ ବାବୁ ଅତିଥି ଭାବେ ଯୋଗଦେଇ ଯେଉଁମାନଙ୍କ ପ୍ରଚେଷ୍ଟାରେ ଏହି ସଂଗଠନ ଦୀର୍ଘ ୭୯ ବର୍ଷ ଧରି ସଫଳତାର ପଥରେ ଆଗେଇ ଚାଲିଛି, ସେମାନଙ୍କୁ ମନେ ପକାଇଥିଲେ। ଏହାର ଅଗ୍ରଭାଗରେ ରହିଥିବା ସ୍ୱର୍ଗତ ଡିପି ଚଢା, ତାରକେଶ୍ୱର ଚକ୍ରବର୍ତ୍ତୀ, ପ୍ରଭାତ କର ଓ ଏଚ୍‌ଏଲ ପରୱାନାଙ୍କ ସ୍ମୃତିଚାରଣ କରାଯାଇଥିଲା। କମିଟି ଉପସଭାପତି ସେରୋଭିନ ଡୁଙ୍ଗଡୁଙ୍ଗ ସଭା ପରିଚାଳନା କରିଥିବା ବେଳେ ଅଶୋକ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ସଂକ୍ରାନ୍ତୀୟ ତାଲିମ ଶିବିର



**ସୁନ୍ଦରଗଡ଼, ୨୦।୪(ସମିସ):** ସୁନ୍ଦରଗଡ଼ ପୌର କାର୍ଯ୍ୟାଳୟଠାରେ ବୁଧବାର ବୁଥସ୍ତରୀୟ ଅଧିକାରୀ, ସେକ୍ଟର ଅଫିସର ଓ ୱାର୍ଡ ଅଫିସରମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ନିର୍ଭୁଲ ନିର୍ବାଚନ ପ୍ରକ୍ରିୟା ତଥା ଭୋଟର ସଚେତନତା ସୃଷ୍ଟି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ମତଦାନ ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସଦର ତହସିଲଦାର କୁଳମଣି ରଣବିଡ଼ା, ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ତଥା ପୌର ପରିଷଦର ସମସ୍ତ ଅଧିକାରୀ ଯୋଗଦେଇଥିଲେ।

# ସୁନ୍ଦରଗଡ଼ରେ ଗଡ଼ିଲା ଭୋଟର ସଚେତନତା ରଥ



**ସୁନ୍ଦରଗଡ଼, ୨୦।୪(ସମିସ):** ଚଳିତ ସାଧାରଣ ନିର୍ବାଚନରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟ ନେଇ ଲୋକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୋଟର ସଚେତନତା ରଥ ସୁନ୍ଦରଗଡ଼ ପୌରାଞ୍ଚଳ ପରିକ୍ରମାରେ ବାହାରିଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ସୁନ୍ଦରଗଡ଼ ପୌରପାଳିକାର ସମସ୍ତ ୱାର୍ଡ ପରିକ୍ରମା କରି ଭୋଟଦାନ ନିମନ୍ତେ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

# ଦିଲୀପ ରାୟଙ୍କୁ ବସ୍ତିବାସିନ୍ଦାଙ୍କ ସମ୍ବର୍ଦ୍ଧନା

ରାଉରକେଲା, ୨୦।୪(ସମିସ): ବିଜେପି ବସ୍ତି ଅଭିଯାନ ଦାୟିତ୍ୱରେ ଥିବା ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶନିବାର ଶତାଧିକ ବସ୍ତିବାସିନ୍ଦା ବିରାଟ ଶୋଭାଯାତ୍ରାରେ ରାଉରକେଲାସ୍ଥିତ କଲ୍ୟାଣୀ ଭବନରେ ପହଞ୍ଚି ବିଜେପି ବିଧାୟକ ପ୍ରାର୍ଥୀ ଦିଲୀପ ରାୟଙ୍କୁ ବିରାଟ ପୁଷ୍ପମାଳ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ସାହୁ, ରାଧେ ନାଗ, କନକଲତା ଦାସ, ସ୍ୱାଧୀନ ମହାନ୍ତି, ଦୀପକ ଦେହୁରୀ, ଆଶିଷ ସିଂ, ସୁଶିଳା ଶର୍ମା, ରୂପେଶ ସିଂ, ସବିତା ମଣ୍ଡଳ, ଅନ୍ନପୂର୍ଣ୍ଣା ଧଳଙ୍କ ସମେତ ଶତାଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

### ମନ୍ଥର ଗତିରେ ଚାଲିଛି କାମ

# ମହୁ-ଆଳି ରାସ୍ତା ପାଲଟିଛି ମରଣଯନ୍ତା

**ଆଳି,୨୦।୪(ସମିସ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମରୁ ବ୍ଲକ ହେଡ୍‌କ୍ୱାର୍ଟର ଆଳିକୁ ସଂଯୋଗ କରୁଥିବା ରାସ୍ତା ପୂର୍ତ୍ତ ବିଭାଗ ପାଇଁ ଲେଉଟିଆ କିଆରି ପାଲଟିଥିବାବେଳେ ଲୋକଙ୍କ ପାଇଁ ସାଜିଛି ମରଣଯନ୍ତା। ଏହି ରାସ୍ତା ଉନ୍ନତିକରଣ କାର୍ଯ୍ୟ ଚାଲିଥିବାବେଳେ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଶେଷ ହେବାକୁ ଟେଣ୍ଡରରେ ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ମାର୍ଚ୍ଚ ସରି ଏପ୍ରିଲ ସରିବାକୁ ବସିଲାଣି ହେଲେ ରାସ୍ତା କାମ ଶେଷ ହେବାତ ଦୂରର କଥା କାର୍ଯ୍ୟ ବନ୍ଦ୍ କରିଦେଇ ରାସ୍ତାକୁ ଅଧପନ୍ତରିଆ କରି ବିପଦପୂର୍ଣ୍ଣ ଭାବେ ଛାଡି ଦେଇଛନ୍ତି ଠିକାଦାର। ଫଳରେ



### ରାତି ପାହିଲେ ଘଟୁଛି ଦୁର୍ଘଟଣା, ଯନ୍ତ୍ରୀଙ୍କ ନୀରବତାକୁ ନେଇ ସନ୍ଦେହ

ଏହି ରାସ୍ତାରେ ରାତି ପାହିଲେ ଦୁର୍ଘଟଣା ଘଟିବା ସହ ନିକଟ ଅତିତରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିଥିବା ଜଣାପଡିଛି। କେତେ ଯେ ଧନଜୀବନ ହାନୀ ହେଲାଣି ତାହାର ହିସାବ ନାହିଁ। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ଏଥିପାଇଁ କାର୍ଯ୍ୟ ଭାର ନେଇଥିବା ସଂସ୍ଥା ସହିତ ତଦାରଖ କରୁଥିବା ସରକାରୀ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। କାହା ଛତ୍ରଛାୟା ତଳେ ଓ କାହା ସାହାସରେ ଠିକାଦାର ଏପରି ବିପଦପୂର୍ଣ୍ଣ ଭାବେ ରାସ୍ତାକୁ ଛାଡିଦେଇ ଚାଲିଯାଇଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ ସରକାରୀ କର୍ମଚାରୀ ଚେଇଁ ଶୋଇଥିବାବେଳେ କାର୍ଯ୍ୟ କରୁଥିବା ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରିବା ସହିତ ମାନମାନି ଚଳାଇ ରାସ୍ତାକାମ ଅଧାରୁ ବନ୍ଦ କରିଦେଇ ସାଧାରଣ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। ରାସ୍ତାରେ ମୋରମ ବିଛାଇ ଛାଡି ଦେଇଥିବାରୁ ବାଇକ୍ ନେଇ ଯିବାକୁ ଭୟ ଲାଗୁଛି। ଟିକେ ଚକା ଖସିଲେ ସିଧା ରାସ୍ତାକଡ଼ ନାଳରେ ପଡିବା ନିଶ୍ଚିତ। ଏତେସବୁ ଘଟଣା ସତ୍ତ୍ୱେ ଯନ୍ତ୍ରୀ ନିରବ ରହିବା ଘଟଣାକୁ ଅଧିକ ରହସ୍ୟାବୃତ କରୁଛି। ଯନ୍ତ୍ରୀଙ୍କ ଭୂମିକା ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଉଛନ୍ତି।

ଅନ୍ୟପଟେ ଏହି ରାସ୍ତାଟି ଅଧପନ୍ତରିଆ ହୋଇ ପଡ଼ି ରହିଥିବାରୁ ଅନେକ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ଚାଲି ଯାଉଥିବା ବେଳେ ମହୁ ଗ୍ରାମ ପଞ୍ଚାୟତରେ ଯେତିକି ବି ଢ଼ଳେଇ ରାସ୍ତାକାମ ହୋଇଛି ଅତି ନିମ୍ନମାନର ହୋଇଥିବା ନେଇ ସାଙ୍ଘାତିକ ଅଭିଯୋଗ ସହିତ ଗତ ଜାନୁୟାରୀ ମାସରୁ ଏହି କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟ ଆର୍‌ଟିଆଇରେ ମାଗିଥିଲେ ମଧ୍ୟ ମିଳୁନାହିଁ।

ତେବେ ଆଗକୁ ନିର୍ବାଚନ ରହିଥିବାବେଳେ ସବୁ ଦଳୀୟ ନେତା, କର୍ମୀ ନିଜ ନିଜର ପ୍ରଚାର ପ୍ରସାର ନିମନ୍ତେ ଏହି ରାସ୍ତା ଦେଇ ଯିବାଆସିବା କରିବେ। ସେତେବେଳେ ଯଦି କିଛି ଅଘଟଣ କିମ୍ବା ଦୁର୍ଘଟଣା ଘଟେ ସେଥି ପାଇଁ କିଏ ଦାୟୀ ରହିବ?

ଏନେଇ ପୂର୍ତ୍ତ ବିଭାଗ ଅଧିକାରୀ ଏସ୍‌ଡିପିଓ ରାଜଶ୍ରୀ ବେହେରା ଏବଂ ଜେଇ ଜ୍ୟୋତି ରଞ୍ଜନ ବେହେରାଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି ତେଣୁ ଏହି ଅଭିଯୋଗ ଉପରେ ମତାମତ ଦେଇହେବ ନାହିଁ କହିଥିଲେ।

ଏଠି ପ୍ରଶ୍ନ ଉଠେ ନିର୍ବାଚନ ଆଚରଣ ବିଧି ଲାଗୁ ହେଲେ, ହେଉଥିବା ଅଭିଯୋଗ ଉପରେ ସମ୍ପୃକ୍ତ ସରକାରୀ ଅଧିକାରୀ ମାନେ ମତାମତ ନଦେବା ପାଇଁ କିଏ କେବେ କଟକଣା ଲାଗୁ କରିଛି କି? ନା ଆଚରଣ ବିଧି ଲାଗୁ ହେବା ଏକ ବାହାନା ମାତ୍ର? ନା ନିଜ ମତ ପ୍ରକାଶ କରିବାକୁ ଚାହୁଁ ନାହାଁନ୍ତି ସରକାରୀ ବାବୁମାନେ?

ସିଏ ଯାହା ହେଉ ନା କାହିଁକି ସବୁଠାରୁ ବଡ ପ୍ରଶ୍ନ, ଏହି ରାସ୍ତା କାମ କେବେ ସରିବ? ଆଉ ଏହି ରାସ୍ତା ଓପରେ ନିର୍ଭର କରି ଯାତାୟାତ କରୁଥିବା ସ୍ଥାନୀୟ ଲୋକଙ୍କ ଦୁଃଖ କେବେ ଦୂର ହେବ।

# ବରୁଣେଇ ବ୍ରାହ୍ମଣ ସମାଜ ତରଫରୁ ବ୍ରତୋପନୟନ



**ଗୋବିନ୍ଦପୁର,୨୦।୪(ସମିସ):** ଅଧିଷ୍ଠାତ୍ରୀ ମା' ବରୁଣେଇଙ୍କ ପୀଠରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ବରୁଣେଇ ବ୍ରାହ୍ମଣ ସମାଜ ତରଫରୁ ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହୋଇଛି। ନିକଟସ୍ଥ ରଣପୁର ଗ୍ରାମର ବ୍ରାହ୍ମଣ ସୁରେନ୍ଦ୍ର ଶତପଥୀଙ୍କ ଦୁଇପୁତ୍ର ସୋମ୍ୟଜିତ ଓ ସ୍ୱାଧୀନଙ୍କ ସମୂହ ବ୍ରତୋପନୟନ କାର୍ଯ୍ୟ ବୈଦିକ ରୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ସମସ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅର୍ଜୁନ ଚରଣ ଦାଶ, କୃପାସିନ୍ଧୁ ପତି, ଗୌରାଙ୍ଗ ଚରଣ ଦାଶ, ଗଙ୍ଗାଧର ପଣ୍ଡା, ବାସୁଦେବ ଦାଶ, ଶଙ୍କର୍ଷଣ ପତି, ରବିନାରାୟଣ ଦାଶ, ଯଯାତି କେଶରୀ ଦାଶ, ଅଜୟ କୁମାର ପଣ୍ଡା, ସୁଧୀର କଣ୍ଠ, ନାରାୟଣ ପଣ୍ଡା, ସୁବାସ ଚନ୍ଦ୍ର ଦାଶ, ନିତ୍ୟାନନ୍ଦ ପଣ୍ଡା, ପ୍ରଫୁଲ ଚନ୍ଦ୍ର ଦାଶ, ଫକୀର ଚରଣ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ଉର୍ବଶୀ ଦାଶ, ସୁବ୍ରତ କରଙ୍କ ସମେତ ବରୁଣେଇ ବ୍ରାହ୍ମଣ ସମାଜର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ନିର୍ବାହ କରିଥିଲେ।

# ପାଟକୁରାରେ ଆପ୍‌ର ପ୍ରାର୍ଥୀ ହେଲେ ଅଶୋକ



**ଡେରାବିଶ,୨୦।୪(ସମିସ):** ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦଳର ବରିଷ୍ଠ ନେତା ତଥା ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀଙ୍କୁ ଦଳୀୟ ଟିକେଟ୍ ମିଳିଛି। ଶ୍ରୀ ତ୍ରିପାଠୀଙ୍କୁ ପାଟକୁରା ବିଧାନସଭା ନିମନ୍ତେ ଦଳୀୟ ଟିକେଟ୍ ମିଳିଥିବାରୁ ଆପ୍‌ର କର୍ମକର୍ତ୍ତା ଓ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ଏଥିପାଇଁ ଶ୍ରୀ ତ୍ରିପାଠୀଙ୍କ ଚାନ୍ଦୋଳସ୍ଥିତ ବାସଭବନରେ ଦଳର କୁମୁଦ କୁମାର ରାଉତ, ବାନାମ୍ବର ସାହୁ, ସେକ୍ ରିଆଜୁଦ୍ଦିନ୍, ମନୋଜ ପରିଡ଼ା, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ସୁକାନ୍ତ ବାରିକ, କୃପାସିନ୍ଧୁ ବାରିକ, ଗୟାଧର ସାହୁ ପ୍ରମୁଖ ଦଳର ବହୁ କର୍ମୀ ଓ ନିର୍ମାଣ ଶ୍ରମିକମାନେ ପହଞ୍ଚି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଡେରାବିଶ,୨୦।୪(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସଭାପତି ମନୋରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ପଣ୍ଡିତ ହୃଷିକେଶ ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରତ୍ନାକର ନୋଡାଲ ହାଇସ୍କୁଲର ସିଆରସିସି ଅନନ୍ତ କୁମାର ପରିଡ଼ା, ସ୍ଥାନୀୟ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପୂଜାରାଣୀ ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସରକାରଙ୍କ ପାଠ୍ୟଖସଡ଼ା ସହିତ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ଛାତ୍ରମାନଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମଞ୍ଚାସୀନ ଅତିଥିଗଣ ବିଦ୍ୟାଳୟର ଶିକ୍ଷା ପଦ୍ଧତି ଓ ସୁପରିଚାଳନା ନେଇ ପ୍ରଶଂସା କରିବା ସହିତ ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତାର କୃତିଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଙ୍ଗୀତ ଗୁରୁ ମହେଶ୍ୱର ମଣ୍ଡଳ ଓ ଅକ୍ଷୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିବା ବେଳେ ନୃତ୍ୟଗୁରୁ ପ୍ରଜ୍ଞାମଣି ଜେନାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦିକା ସବିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶେଷରେ ଅଧ୍ୟକ୍ଷା ଦୁର୍ଗେଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଇପ୍‌ସିତା ମହାନ୍ତି, ଗିତାଞ୍ଜଳୀ ଭଦ୍ର, ତପସ୍ୱିନୀ ସ୍ୱାଇଁ, ପୂଜାଶ୍ରୀ ରାଉତ, ସନ୍ଧ୍ୟାରାଣୀ ମିଶ୍ର, ପ୍ଲାଲୀ ଦ୍ୱିବେଦୀ ଓ ଗାୟତ୍ରୀ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉଦାସ ଆଶ୍ରମ ମହାଯଜ୍ଞର ଶୁଭାରମ୍ଭ; ବିଶାଳ ଧାର୍ମିକ ଶୋଭାଯାତ୍ରା

**ଜଗତସିଂହପୁର,୨୦।୪(ସମିସ):** ଜିଲ୍ଲାର କାଠୁଆପଟଣା ସ୍ଥିତ ଉଦାସ ଆଶ୍ରମଠାରେ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଓ ଧର୍ମ ପୁସ୍ତକ ପାଠାଗାର ଉଦଘାଟନ ଉତ୍ସବର ଶୁଭାରମ୍ଭ ଶୁକ୍ରବର ଆରମ୍ଭ ହୋଇଛି। ଉଦ୍‌ଘାଟନ ଉତ୍ସବ ଅବସରରେ ଆୟୋଜିତ ବିଶାଳ ଧାର୍ମିକ ଶୋଭାଯାତ୍ରାରେ ଶୁନ୍ୟବାସୀ ଠାକୁର ଶ୍ରୀ ଶ୍ରୀ ଉଦାସ ଜମୁନା ଦାସଙ୍କର ବିଗ୍ରହ ଆଶ୍ରମ ପରିସରରେ ସ୍ଥାପନା କରାଯାଇଛି। ଅନୁଷ୍ଠିତ ଧାର୍ମିକ ଶୋଭାଯାତ୍ରା ପୂର୍ବରୁ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ଶ୍ରୀବିଗ୍ରହକୁ ରଥାରୁଢ କରାଇ ପୂଜାର୍ଚ୍ଚନା କରିବାପରେ କଲେଜଛକ ଠାରୁ ଶତାଧିକ ଉଦାସ ପନ୍ଥୀ ଭକ୍ତ ସଂକୀର୍ତ୍ତନ ସିଂହବାଜା,



ମା' ମଙ୍ଗଳା ଘଣ୍ଟ ପାଟୁଆ, ବିଭିନ୍ନ ଅଧୁନିକ ବାଦ୍ୟ ପରିବେଷଣ ସହିତ ଶୋଭଯାତ୍ରାରେ ନେଇଥିଲେ। ବାଟରେ ଗାଲୁପଡା ସ୍ଥିତ ଉଦାସ ଆଶ୍ରମରେ ଶ୍ରୀବିଗ୍ରହକୁ ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତଙ୍କ ଗହଣରେ କାଠୁଆପାଟଣାସ୍ଥିତ ଆଶ୍ରମ ପରିବେଶରେ ବିଜେ କରିଥିଲେ। ଏହି ଶୋଭଯାତ୍ରା ଜନିତ ସମସ୍ତ କାର୍ଯ୍ୟକୁ ଆଶ୍ରମର ଦିବ୍ୟଲୋଚନ ଦାସ ପରିଚାଳନା କରିଥିଲେ। ସେହିପରି ନୀଳମଣି ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁସାରେ ଭଜନ ସମାରୋହ, ୨୦ ତାରିଖରେ ମହିଳାମାନଙ୍କ ମଧ୍ୟରେ ଶଙ୍ଖ, ହୁଳହୁଳି, ମୁରୁଜ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ଲୋକନୃତ୍ୟ ଧୁଡୁକି ନାଚ, ୨୧ ତାରିଖ ସକାଳରେ ଯୋଗଶିକ୍ଷା, ସନ୍ଧ୍ୟାରେ ଲୋକନୃତ୍ୟ ଦାସକାଠିଆ, ୨୨ ତାରିଖରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୀତା ଆବୃତି, ଚିତ୍ରାଙ୍କନ, ସଂଗୀତ, ବକ୍ତୃତା ପ୍ରତିଯୋଗିତା ଓ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ, ୨୩ ତାରିଖ ଅପରାହ୍ନ ୪ଟାରେ ମଙ୍ଗଳ କଳସ ଶୋଭାଯାତ୍ରା ଓ ସନ୍ଧ୍ୟାରେ ପାଲା ପରିବେଷଣ, ୨୪ ତାରିଖ ଦିବା ୧୧ଟାରେ ଆଧାତ୍ମିକ କବିତା ଆସର, ୨୫ ତାରିଖରେ ଭାରତ ଲିଳା ପରିବେଷଣ, ୨୬ ତାରିଖ ଦିବା ୧୧ଟାରେ ଉଦାସ ଧର୍ମପୁସ୍ତକ ପାଠାଗାର ଉଦ୍‌ଘାଟନ ଓ ୧୨ଟାରେ ସାଧୁସନ୍ଥ ସମ୍ମିଳନୀ, ୨୮ ତାରିଖରେ ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଓ ୨୯ ତାରିଖ ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଭକ୍ତ ଅନ୍ତର୍ଯ୍ୟାମୀ ପରିଡାଙ୍କ ସ୍ମୃତିଚାରଣ ସଭା

**ରାଜନଗର,୨୦।୪(ସମିସ):** ରାଜନଗରସ୍ଥିତ ଜଗତ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ଆଶ୍ରମ ପରିସରରେ ଦିବଙ୍ଗତ ସଂପାଦକ ଅନ୍ତର୍ଯ୍ୟାମୀ ପରିଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସେବକ ଅଭୟ ବାବାଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ସ୍ମୃତିଚାରଣ କମିଟିର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ର ବେଦପାଠ ଓ ଗୀତାପାଠ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବ ରାଜନଗର ଆଞ୍ଚଳିକ ଶାଖା ସଂଘର ସଭାପତି ବିଜୟ କୁମାର ଜେନା, ସମାଜସେବୀ କୃପାସିନ୍ଧୁ ସାମଲ, ଦୁଃଶାସନ ନାୟକ, ନାରାୟଣ ସାମଲ, କୈଳାସ ସାମଲ, ମଧୁସୂଦନ ପ୍ରଧାନ, ବସନ୍ତ କୁମାର ରାଉତ, ସର୍ବେଶ୍ୱର ରାଉତ, ରବି ନାରାୟଣ ଲେଙ୍କା, ନିରଞ୍ଜନ ମହାରଣା, ପାରେଶ୍ୱର ଜେନା, ମହେଶ୍ୱର ରାଉତ, ଶରତ ଚନ୍ଦ୍ର ସାହୁ, ମଥୁରାନନ୍ଦ ମଳିକ, ହରିହର ମଳିକ, ରଞ୍ଜନ କୁମାର ମଳିକ, ବିଷ୍ଣୁ ଚରଣ ସାହାଣୀ, ତରଣୀସେନ ରାଉତ, ପ୍ରହଲ୍ଲାଦ ଦାସ, ବୁଧଦେବ ରାଉତ, ବାବନ ସୂତାର, ମନୋଜ ରାଉତ, କିଶୋର ଦାସ ପ୍ରମୁଖ ଯୋଗଦେଇ ଦିବଂଗତ ଅନ୍ତର୍ଯ୍ୟାମୀ ପରିଡାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାଖା ସଂଘର ସଭାପତି ଦିବାକର ପରିଡା, ଗୋଲେଖ ବିହାରୀ ରାଉତ, ଜାମିନୀକାନ୍ତ ସାହୁ, ପରିକ୍ଷିତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



### ● ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ

# 'ନଳିନୀବାବୁ ଥିଲେ ଅନନ୍ୟ ଜନନାୟକ'

**ରାଜନଗର,୨୦।୪(ସମିସ):** ଉପକୂଳ ଓଡିଶା କାହିଁକି ସମଗ୍ର ଓଡିଶାର ଜନପ୍ରିୟ ନେତା ତଥା ଓଡିଶା ଜନମାନସର ଥିଲେ ଅନନ୍ୟ ଜନନାୟକ। ନଦୀ, ନାଳ ଘେରା ସବୁଠୁ ଉପାନ୍ତ ଅଞ୍ଚଳ ଭାବରେ ରାଜ୍ୟରେ ପରିଚିତ ଥିବା ରାଜନଗର ଓ ମହାକାଳପଡା ଅଞ୍ଚଳରେ ନଳିନୀବାବୁଙ୍କ ବିକାଶର ସ୍ୱର୍ଣ୍ଣିମ ସ୍ୱାକ୍ଷର ଆଜି ଯୁବପିଢିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି, ରହିବ ଆଗାମୀ ବଂଶଧରଙ୍କ ପାଇଁ। ଦିବଂଗତ ନଳିନୀବାବୁ ପରକୁ ଆପଣାର କରିବାର ସ୍ୱତନ୍ତ୍ର ପରିଚୟ, ଦୁଃଖି ରଙ୍କିଙ୍କ ପାଇଁ ସଦା ଜାଗ୍ରତ ପ୍ରହରି ଭାବରେ ଜୀବନ ତମାମ ସଂଗ୍ରାମ ଜାରି ରଖିଥିଲେ। ବାସ୍ତବ କ୍ଷେତ୍ରରେ ନଳିନୀବାବୁ ସବୁରିଙ୍କ ପାଇଁ ସ୍ମରଣୀୟ ବ୍ୟକ୍ତିତ୍ୱର ଅଧିକାରୀ ବୋଲି ତାଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅତିଥିମାନେ ମତ ପ୍ରକାଶ କରିଛନ୍ତି।



ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ ଆଜି ରାଜନଗରର ତ୍ରିନାଥ ବଜାରସ୍ଥିତ ବିଜେଡି ସାଂସଦ ପ୍ରାର୍ଥୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରାଦ୍ଧବାର୍ଷିକୀ ନିମନ୍ତେ ଗତକାଲି ସନ୍ଧ୍ୟାରେ ମହିମା ଧର୍ମର ସାଧୁ ବ୍ରହ୍ମାବଧୂତ ନିତ୍ୟାନନ୍ଦ ବାବା, ନଟବର ବାବା, ଶଙ୍କର ବାବା, ସୁଜନ ବାବା, ଦୁଃଖବନ୍ଧୁ ବାବା, ଦୁଷ୍ମନ୍ତ ବାବା ଓ ସାଧୁ ଅନ୍ତର୍ଯ୍ୟାମୀ ଦାସ, ମାନସ ଦାସ, ଗୋବିନ୍ଦ ଦାସ, ପରୀକ୍ଷିତ ଦାସ, ହନୁମାନ ଦାସ ପ୍ରମୁଖ ଅଖଣ୍ଡ ନାମଧୂନୀ ସ୍ଥାପନ କରିଥିଲେ। ଆଜି ସକାଳେ ପୂର୍ଣ୍ଣାହୂତି ପରେ ତ୍ରିନାଥବଜାର ନିକଟରେ ଥିବା ନଳିନୀ ବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟକ, ବିଜୁ ଜନତା ଦଳର କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ତଥା ତାଙ୍କ ସୁପୁତ୍ର ଅଂଶୁମାନ ମହାନ୍ତିଙ୍କ ସହିତ ରାଜନଗର ବିଧାୟକ ଧ୍ରୁବ ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟି ଅଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଶ୍ରମିକ ନେତା ନୃସିଂହ ଚରଣ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ଗୋବର୍ଦ୍ଧନ ପ୍ରଧାନ, ବିଜୟ ନାୟକ, ଅରୁଣ ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଅଶୋକ ବଳ, ହୃଷୀକେଶ ପ୍ରଧାନ, ଅନନ୍ତ ସେଠୀ, ସତ୍ୟବାନ ସେଠୀ, ବିଚିତ୍ର ମଲ୍ଲିକ, ପାରେଶ୍ୱର ନାୟକ, ମୋହନ କୁମାର ଦାସ, ଗଗନ ବଳ, ସମୀର ସେଠୀ, ବିଜୟ ବଳ, ମହେଶ୍ୱର ନାୟକ, ମଦନ ଦେବନାଥ, ଅଭୟ ଖଣ୍ଡୁଆଳ, ରଞ୍ଜନ କୁମାର ମହାନ୍ତି, ବିରଞ୍ଚି ନାରାୟଣ ଦାସ, ମାଗୁଣି ଚରଣ ଲେଙ୍କା, ନିମାଇଁ କର, ପଞ୍ଚାନନ ଧଳ, ସର୍ବେଶ୍ୱର ମହାନ୍ତି, ପ୍ରଦୀପ ପ୍ରଧାନ, ଅମୂଲ୍ୟ ପ୍ରଧାନ, କାଉନସିଲର ମଳୟ ଓଝା, ଅଧ୍ୟାପିକା ଭଗବତୀ ନାୟକ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଛାତ୍ର ବିଜେଡି ରାଜ୍ୟ ସଂପାଦକ ବୈବର୍ତ୍ତ ବିଶ୍ୱାଳ, ଜିଲ୍ଲା ଯୁବ ବିଜେଡି ସଂପାଦକ ସରୋଜ କୁମାର ରାଉତ, ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

